## ଖଣ୍ଡ – ୪

## ଦ୍ରବ୍ୟର ଓ ସେବାର ବଣ୍ଟନ


୯. ଚାହିଦା

୧୦. ଯୋଗାଣ

୧୧. ଦ୍ରବ୍ୟର ଦର ଓ ପରିମାଣ ନିର୍ଦ୍ଧାରଣ

୧୨. ବଜାର

୧୩. ଦ୍ରବ୍ୟର ଦର ଓ ପରିମାଣ ନିର୍ଦ୍ଧାରଣରେ ସରକାରଙ୍କ ଭୂମିକା

୯

# ଚାହିଦା

ଆମ୍ଭେମାନେ ପାଠ-୨ରେ ଅଭାବ ଓ ଆବଶ୍ୟକତା ବିଷୟରେ ସମ୍ପୂର୍ଣ୍ଣ ଭାବେ ପଢ଼ିଅଛୁ । ଆମେ ଏହି ଆବଶ୍ୟକତା ବା ଅଭାବ ପୂରଣ ପାଇଁ ବଜାରର ସାମଗ୍ରୀ ଓ ସେବା କ୍ରୟ କରିବାକୁ ପଡ଼େ । ଆମେ ଦ୍ରବ୍ୟ ଓ ସେବା ବିଭିନ୍ନ ପ୍ରକାରର ଦାମ୍ ଦେଇ କ୍ରୟକରିଥାଉ । ବଜାରରେ ବିଭିନ୍ନ ପ୍ରକାରର ଦ୍ରବ୍ୟର ବନ୍ୟା ବା ବହୁତ ମିଳୁଅଛି । ଏଣୁ ଆମକୁ ବାଛିବାକୁ ପଡ଼ିବ କିଛି କିଣିବା ପୂର୍ବରୁ । କିନ୍ତୁ କେବଳ ପସନ୍ଦ କରିଦେବା ବା ଏକ ନିର୍ଦ୍ଦିଷ୍ଟ ଦ୍ରବ୍ୟ କିଣିବା ପାଇଁ ବାଛିବା ଯଥେଷ୍ଟ ନୁହେଁ । ଆମେ ଯେତେବେଳେ ବଜାରକୁ ଯାଉ ଆମେ କିଛି ପରିମାଣର ପଇସା ନେଇଥାଉ, ଯାହାକୁ ଦେଇ ଆମେ ସମାଗ୍ରୀ ଓ ସେବା କ୍ରୟକରେ । କ୍ରେତା ହିସାବରେ ଆମେ ଆମର ମୁଦ୍ରା ଅନୁଯାୟୀ କେତେ ପରିମାଣର ଦ୍ରବ୍ୟ ବା ବିଭିନ୍ନ ଦ୍ରବ୍ୟର କଣ କଣ କିଣିବା ନିଷ୍ପତ୍ତି ନେଉ । କେତେ ପରିମାଣର ଦ୍ରବ୍ୟ ବା ବିଭିନ୍ନ ଦ୍ରବ୍ୟର କଣ କଣ କିଣିବା ନିଷ୍ପତ୍ତି ନେଉ । ଆମ ପାଖରେ ଥିବା ପଇସାକୁ ଚାହିଁ, କେତେ ପଇସା ନେବାକୁ ପଡ଼ିବ ବା ସେ ଦ୍ରବ୍ୟପ୍ରତି ଆମର ରୁଚି ଆଦି । ଏ ସମସ୍ତ କଥା 'ଚାହିଦା' ପଠନ ଅନ୍ତର୍ଭୁକ୍ତ ଯାହାକି ଉପଭୋକ୍ତା ଭାବେ ବଜାରରେ ଆବ ବ୍ୟବହାର ବା ପ୍ରତିକ୍ରିୟାକୁ ସୂଚାଏ/ଦର୍ଶାଏ ।

## ଉଦ୍ଦେଶ୍ୟ

ଏଇ ଅଧ୍ୟାୟର ସମାପ୍ତିରେ ତୁମେ ଜାଣିପାରିବ:

- ଚାହିଦା ସଜ୍ଞା କ'ଣ ବ୍ୟାଖ୍ୟା କରିପାରିବ ।
- କୌଣସି ଦ୍ରବ୍ୟର ବ୍ୟକ୍ତିଗତ ଚାହିଦା ଓ ବଜାର ଚାହିଦା ମଧ୍ୟରେ ପାର୍ଥକ୍ୟ ।
- ଚାହିଦାକୁ ପ୍ରଭାବିତ କରୁଥିବା ଉପାଦାନ ଗୁଡ଼ିକ ଆଲୋଚନା କରିବା ।
- ଚାହିଦା ସୂତ୍ର କ'ଣ ଏବଂ ଦାମ୍ ଓ ଚାହିଦାର ପରିମାଣ ସମ୍ପର୍କ ବିଷୟରେ ଆଲୋଚନା କରିବା ।
- ଗୋଟିଏ ବ୍ୟକ୍ତିଗତ ଚାହିଦା ରେଖାର ଅଙ୍କନ ।
- ବ୍ୟକ୍ତିଗତ ଚାହିଦା ରେଖାର ଆକୃତି ଓ ସଂଜ୍ଞା ।

## ୯.୧ ଚାହିଦାର ଅର୍ଥ

ଧରନ୍ତୁ ବର୍ଷା ଗତ ସପ୍ତାହରେ ବଜାରକୁ ଯାଇଥିଲା ଓ ନିମ୍ନଲିଖିତ ଜିନିଷ ସବୁ ସପ୍ତାହକ ନିମିତ୍ତ ନିଜପାଇଁ କିଣିଥିଲା ।

୧.   ଏକ କିଲୋଗ୍ରାମପ୍ରତି ଚାଉଳ ୨୫ଟଙ୍କା ଦାମରେ

୨.   ଅଧା କେଜି ହରଡ଼ ଡାଲି କେଜି ପ୍ରତି ଦାମ୍ ୬୮ଟଙ୍କାରେ

୩.   ଏକ କିଲୋଗ୍ରାମ୍ ଅଟା ୨୪ଟଙ୍କା ଦାମ୍‌ରେ

୪.   ଦୁଇ କିଲୋଗ୍ରାମ୍ ଆମ୍ବ କିଗ୍ରା ପ୍ରତି ୫୦ଟଙ୍କା ଦାମରେ

ଯେତେବେଳେ ଜଣେ ବଜାରରୁ ଦ୍ରବ୍ୟ କିଣିବ ତାକୁ ନିର୍ଦ୍ଦିଷ୍ଟ ଦାମ ଦେବାକୁ ପଡ଼ିବ ଏବଂ ସେ ଅନୁଯାୟୀ ଆବଶ୍ୟକୀୟ ପରିମାଣ ତାର ବ୍ୟବହାର ପାଇଁ ସେ ସମୟରେ ଆଣିବ ଯେପରି ବର୍ଷା ଏଠାରେ କରିଛି ।

## ଚାହିଦାର ସଂଜ୍ଞା

**ଅର୍ଥ ଶାସ୍ତ୍ରରେ ଚାହିଦାର ଅର୍ଥ ହେଉଛି ଜଣେ ବ୍ୟକ୍ତିର ଇଚ୍ଛାଶକ୍ତି ସହିତ ଦ୍ରବ୍ୟ କ୍ରୟ କରିବାର ଶକ୍ତି ଥିବା ଆବଶ୍ୟକ ।**

ଏକ ନିର୍ଦ୍ଦିଷ୍ଟ ସମୟରେ ଓ ଏକ ନିଦ୍ଦିଷ୍ଟ ଦାମରେ କିଣାଯାଇଥିବା ଦ୍ରବ୍ୟ/ସାମଗ୍ରୀର ପରିମାଣକୁ ଚାହିଦା କୁହାଯାଏ ।

ଚାହିଦାର ବିଭିନ୍ନ ଉପାଦାନ ଉପରୋକ୍ତ ଉଦାହରଣ ଯୋଗେ ଆମ୍ଭେ ଆଲୋଚନା କରିପାରିବା ।

| କ୍ର.ନଂ. | ଦ୍ରବ୍ୟର ଶ୍ରେଣୀ | ଦର (କି.ଗ୍ରାପ୍ରତି ଦାମ୍) | ପରିମାଣ (କି.ଗ୍ରାରେ) | ସମୟ ଅବଧି |
|---|---|---|---|---|
| ୧. | ଚାଉଳ | ୨୫ | ୧.୦ | ଗତ ସପ୍ତାହ |
| ୨. | ହରଡ଼ ଡାଲି | ୬୮ | ୦.୫ | ଗତ ସପ୍ତାହ |
| ୩. | ଅଟା | ୨୪ | ୧.୦ | ଗତ ସପ୍ତାହ |
| ୪. | ଆମ୍ବ | ୫୦ | ୨.୦ | ଗତ ସପ୍ତାହ |

ଅତଏବ ସଂଜ୍ଞାଟି ତିନୋଟି ଉପାଦାନ ଉପରେ ଆଧାରିତ

୧.   ଦ୍ରବ୍ୟର ଦାମ୍

୨.   କେତେ ପରିମାଣର ଦ୍ରବ୍ୟ କ୍ରୟ କରାଗଲା

୩.   ସମୟ ଅବଧି

ମନେରଖିବାକୁ ହେବ ସମୟ ଅବଧି ପରିବର୍ତ୍ତନଶୀଳ । ଏହା ସପ୍ତାହେ, ମାସେ ବା ବର୍ଷେ ଆଜି ହୋଇପାରେ ।

ଏଣୁ ଚାହିଦାକୁ ନେଇ ଦିଆଯାଇଥିବା ଉଦାହରଣ ଏପରି ଲେଖାଯାଇପାରିବ ।

୧.   ବର୍ଷା କେଜିଟିଏ ଚାଉଳ ୨୫ ଟଙ୍କା ନେଇ ଗତ ସପ୍ତାହରେ କିଣିଥିଲା । ତାହାହିଁ ବର୍ଷାର ଚାଉଳର ଚାହିଦା ।

୨.   ବର୍ଷା ଦୁଇ କେଜି ଆମ୍ବ ୫୦ଟଙ୍କା ଲେଖାଏ ଗତ ସପ୍ତାହରେ କିଣିଥିଲା ଏହା ହିଁ ବର୍ଷାର ଆମ୍ବ ପ୍ରତି ଥିବା ଚାହିଦା । ଏହିପରି ଅନ୍ୟାନ୍ୟ ସବୁ ।

ବର୍ତ୍ତମାନ ଏ ସବୁ ଉଦାହରଣକୁ ପଠନକର:

୧. ନିତିନ ଦୁଇ ହଳ ଜୋତା ଗତ ମାସରେ କିଣିଥିଲା

୨. ଶ୍ରୀଯୁକ୍ତ ଜାଫ୍ରି ୫କେଜି ସେଓ ୪୦ଟଙ୍କା କେଜିପ୍ରତି କିଣିଥିଲେ ।

୩. ଶ୍ରୀମତି ହରମିତ୍ କାଉର ଗତମାସରେ ଲିଟର ପ୍ରତି ୨୫ଟଙ୍କାରେ କ୍ଷୀର କିଣିଥିଲେ ।

ଏସବୁ ଚାହିଦାର ଉଦାହରଣ କି ? ନାଁ ନିତିନର ଉଦାହରଣ ତୁମେ ସହଜରେ ଜାଣିପାରିବ ନିଜ କ୍ଷେତ୍ରରେ ଜୋତାର ଦାମ ଉଲ୍ଲେଖ ନାହିଁ । ଜାଫ୍ରିଙ୍କ କ୍ଷେତ୍ରରେ ସମୟ ଅବଧିନେଇ ଉଲ୍ଲେଖ ନାହିଁ । ଏବଂ ହରମିତ୍ କାଉରଙ୍କ କ୍ଷେତ୍ରରେ କେତେ କ୍ଷୀର ବ୍ୟବହାର ହେଉଛି ତାର ଉଲ୍ଲେଖ ନାହିଁ ।

## ପାଠଗତ ପ୍ରଶ୍ନାବଳୀ ୯.୧

୧. ଚାହିଦାର ସଂଜ୍ଞା କଣ ?

୨. ଚାହିଦାର ସଂଜ୍ଞାରେ ଅନ୍ତର୍ଭୁକ୍ତ ଥିବା ତିନୋଟି ଉପାଦାନ ଉଲ୍ଲେଖ କର ।

## ୯.୨ ଚାହିଦା ସ ଇଚ୍ଛା ବା ଆକାଙ୍କ୍ଷାରେ ଥିବା ତାରତମ୍ୟ

ଲୋକମାନେ ଇଚ୍ଛା ବା ଚାହିଦା ଅର୍ଥ ବିଷୟରେ ଦ୍ୱନ୍ଦରେ ପଡ଼ିଥାନ୍ତି ଏବଂ ପ୍ରତିବଦଳକରି ଏଇ ଦୁଇ କଥାକୁ ବ୍ୟବହାର କରନ୍ତି । ପ୍ରକୃତରେ ଏହା ଦୁଇଟି ଭିନ୍ନ କଥା । ଚାହିଦା କହିଲେ ସେଇ ଇଚ୍ଛାକୁ ବୁଝାଇବ ଯାହାପାଇବା ପାଇଁ କ୍ରୟ କରିବାର ସାମର୍ଥ୍ୟ ଥିବ । ଏହାର ଅର୍ଥ ଜଣେ ଯଦି କୌଣସି ବସ୍ତୁକୁ ପାଇବାକୁ ଇଚ୍ଛାକଲା ସେ ତାକୁ ଚାହିଦା ସ୍ତରକୁ ନେଇପାରିବ ଯଦି ତାର ପଇସା ଥିବ ସେ ଦ୍ରବ୍ୟଟି କ୍ରୟ କରିବା ପାଇଁ । ଯେକେହି ଚାହିଁଲେ ଯେକୌଣସି ଦ୍ରବ୍ୟ ପାଇଁ ଇଚ୍ଛା କରିପାରିବ । କିନ୍ତୁ କେବଳ ବସ୍ତୁପାଇଁ ଇଚ୍ଛାକରି ଦେଲେ ହେବ ନାହିଁ, ସେଥିପାଇଁ ପଇସା ନଦେଲେ । ଯେତେବେଳେ ଦାମ୍ ଦେଇ ଦିଆଯାଏ ବ୍ୟକ୍ତଦ୍ୱାରା, ଯିଏ ସେଇଟି ପାଇବାପାଇଁ ଇଚ୍ଛାକରନ୍ତି । ସେତେବେଳେ ଯାଇ ତାହା ଚାହିଦାରେ ରୂପାନ୍ତରିତ ହୁଏ ସେ ବ୍ରକ୍ତିଙ୍କର । ଉପର ଉଦାହରଣକୁ ଆଉଥରେ ନିଆଯାଉ ।

ବର୍ଷା ୨କେଜି ଆମ୍ବ କିଣିଛି ୫୦ଟଙ୍କା ଲେଖାଏଁ ଗଲାସପ୍ତାହରେ । ଏହା ହିଁ ବର୍ଷାର ଆମ୍ବ ପ୍ରତିଥିବା ଚାହିଦା ହିସାବରେ ନିଆଯିବ । ଯଦି ବର୍ଷା ଇଚ୍ଛା କରିଥାନ୍ତା ଆମ୍ବ ପାଇଁ କିନ୍ତୁ ପଇସା ଦେଇ କ୍ରୟ କରିବାର ସାମର୍ଥ୍ୟ ନଥାନ୍ତା ତେବେ ବର୍ଷାର ଇଚ୍ଛାକୁ ଇଛାରେରଖାଯାଇଥାଆନ୍ତା । ତାହା ଚାହିଦା ହୋଇପାରି ନଥାନ୍ତା ।

## ୯.୩ ବ୍ୟକ୍ତିଗତ ଚାହିଦାକୁ ପ୍ରଭାବିତ କରୁଥିବା ଉପାଦାନ

ବ୍ୟକ୍ତିଗତ ଚାହିଦା କହିଲେ ଜଣେ ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ସମୟରେ ବିଭିନ୍ନ ଦାମ୍‌ରେ ମିଳୁଥିବା ସମାଗ୍ରୀର କେଉଁ ପରିମାଣ କିଣିବାକୁ ଇଚ୍ଛୁକ ଅଟନ୍ତି କିନ୍ତୁ କେଉଁ ପରିମାଣର ଏକ ନିର୍ଦ୍ଦିଷ୍ଟ ଦ୍ରବ୍ୟ ଜଣେ କ୍ରେତା କିଣିବାକୁ ଇଚ୍ଛୁକ ତାହା ନିମ୍ନଲିଖିତ କାରଣ ଗୁଡ଼ିକ ଉପରେ ନିର୍ଭରଶୀଳ ଯାହାକି ଚାହିଦା ନିର୍ଣ୍ଣାୟକ ଅଟନ୍ତି ।

୧. ଦ୍ରବ୍ୟର ଦାମ୍

୨. ଅନ୍ୟାନ୍ୟ ସଂପର୍କିତ ଦ୍ରବ୍ୟର ଦାମ୍

୩. କ୍ରେତାର ଆୟ

୪. କ୍ରେତାର ରୁଚି ଓ ପସନ୍ଦ ଆଦି

ଆସନ୍ତୁ ଏବେ ଏଗୁଡ଼ିକ ଗୋଟିଏ ପରେ ଗୋଟେ ଜାଣିବା ।

### ୧. ଦ୍ରବ୍ୟର ଦାମ୍

ଯେତେବେଳେ ତୁମେ ବଜାରକୁ କିଣିବାକୁ ଯାଅ, ତୁମେ ଜଣେ ବିକ୍ରେତା ପାଖକୁ ଯାଅ ଏବଂ ଯେଉଁ ଦ୍ରବ୍ୟ କିଣିବାକୁ ଯାଇଥାଅ ଦାମ୍ କଥା ପଚାର । ଯଦି ତୁମେ ଦେଖଯେ, ଦାମ ଠିକ୍ଠାକ୍ ଅଟେ ତେବେ ତୁମେ ଆବଶ୍ୟକ ପରିମାଣ ଦ୍ରବ୍ୟ କିଣିନିଅ । ଅନ୍ୟପଟେ ଯଦି ତୁମେ ଦେଖଯେ ଦାମ ଅଧିକା ଅଛି ତେବେ ତୁମେ ଜିନିଷ କିଣ ଅବା ସେଥିରୁ ଅଳ୍ପ କିଣ । ସାଧାରଣତଃ ଦାମ୍ କମଥିଲେ ଆମେ ଅଧିକା କିଣିବା ଓ ଦାମ୍ ଅଧିକ ଥିଲେ କମ୍ କିଣିବା, ଯଦି ଚାହିଦାକୁ ପ୍ରଭାବିତ କରୁଥିବା ଅନ୍ୟାନ୍ୟ କଥା ସ୍ଥିର ରୁହେ ।

### ୨. ଅନ୍ୟାନ୍ୟ ସଂପର୍କିତ ଦ୍ରବ୍ୟର ଦାମ୍

ଗୋଟିଏ ବସ୍ତୁ ପ୍ରତି ଚାହିଦା ପ୍ରଭାବିତ ହୋଇଥାଏ ଅନ୍ୟାନ୍ୟ ସଂପର୍କିତ ଦ୍ରବ୍ୟକୁ ନେଇ । ସଂପର୍କିତ ଦ୍ରବ୍ୟ ଦୁଇପ୍ରକାରର: (କ) ପ୍ରତିବଦଳ ଯୋଗ୍ୟ ପଦାର୍ଥ ଦ୍ରବ୍ୟ (ଖ) ପରିପୂରକ ଦ୍ରବ୍ୟ

ପ୍ରତିବଦଳ ଯୋଗ୍ୟ ଦ୍ରବ୍ୟ ତାକୁହିଁ କୁହାଯିବ ଯାହାକି ସହଜରେ ଅନ୍ୟଟି ବଦଳରେ ବ୍ୟବହାର ହୋଇପାରିବ । ଏପରି ଦ୍ରବ୍ୟର ଉପଯୁକ୍ତ ଉଦାହରଣ ହେଉଛି ଚା ଓ କଫି, ପେପ୍‌ସି ଓ କୋକି ଅବା ମାଛ ଓ ମାଂସ । ଯଦି କଫିର ଦାମ ବୃଦ୍ଧି ପାଇବ ତେବେ ଚାର ଚାହିଦା ବୃଦ୍ଧିପାଇବା କାରଣ ଜନସାଧାରଣ ଚା ହିଁ ବେଶି ବ୍ୟବହାର କରିବେ । ଯଦି କଫିର ଦାମ୍ ହ୍ରାସ ପାଇବ ଲୋକମାନେ ଅଧିକ କଫି ଚାହିଦା କରିବେ, ଫଳରେ ଚାର ଚାହିଦା କମିବ । ଏଇ କଥାଟି ମାଛ ଓ ମାଂସ ପାଇଁ ମଧ୍ୟ ପ୍ରଯୁଜ୍ୟ । ଅତଏକ କୌଣସି ଏକ ବସ୍ତୁପ୍ରତି ଚାହିଦା ସେହି ଶ୍ରେଣୀର ପ୍ରତି ବଦଳକ୍ଷମ ଦାମ୍ ସହିତ ପ୍ରତ୍ୟେକ୍ଷ ଭାବେ ସଂପର୍କିତ ।

ଅପରପକ୍ଷରେ ପରିପୂରକ ଦ୍ରବ୍ୟ ହେଉଛି ତାହା ଯାହା ପରସ୍ପର ମିଶି କରି କୌଣସି ଏକ ଅଭାବ ପୂରଣ କରିଥାନ୍ତି । ଉଦାହରଣ ସ୍ୱରୂପ କାର ଓ ପେଟ୍ରୋଲ ବା ଡିଜେଲ କିମ୍ବା ବଲପେନ୍ ଓ ରିଫିଲ୍ ଆଦି । ଆମର କାରଟିଏ ଥବଲେ ଆମେ ପେଟ୍ରୋଲ ଦରକାର କରୁ ତାକୁ ଚଳାଇବା ପାଇଁ । ଧରିନିଆଯାଉ ପେଟ୍ରୋଲ ଦାମ୍ ବୃଦ୍ଧିପାଇବ ତେବେ କାର ଚାହିଦାରେ କି ପରିବର୍ତ୍ତନ ହେବ ? କାର ଚାହିଦା ନିଶ୍ଚୟ ହ୍ରାସ ପାଇବ । ଯଦି ଗୋଟିକର ଦାମ୍ ବୃଦ୍ଧି ପାଇଲା ତେବେ ଅନ୍ୟ ପରିପୂରକ ଦ୍ରବ୍ୟଟିର ଚାହିଦା ହ୍ରାସ ପାଇବ । ଯଦି ଗୋଟିକର ଦାମ୍ ବୃଦ୍ଧିପାଇଲା ତେବେ ଅନ୍ୟ ପରିପୂରକ ଦ୍ରବ୍ୟଟିର ଚାହିଦା ହ୍ରାସ ପାଇବ ଏବଂ ଯଦି ଗୋଟିକର ଦାମ ହ୍ରାସ ପାଇବ ଅନ୍ୟଟିର ଚାହିଦା ବୃଦ୍ଧି ପାଇବ । ଅତଏବ ପରିପୂରକ ସାମଗ୍ରୀ କ୍ଷେତ୍ରରେ ଏମାନଙ୍କର ଦାମ୍ ଓ ଚାହିଦା ବିପରୀତ ଧର୍ମୀଭାବେ ସଂପର୍କିତ ।

### ୩. କ୍ରେତାର ଆୟ

କୌଣସି ବସ୍ତୁପ୍ରତି ଚାହିଦା କ୍ରେତାର ଆୟ ଉପରେ ନିର୍ଭରଶୀଳ କରେ । ଯଦି ତୁମର ଆୟବୃଦ୍ଧି ପାଇବ ସ୍ୱଭାବତଃ ତୁମେ ଅଧିକ ବ୍ୟୟ କରିବ କେତେଗୁଡ଼ିଏ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଉପରେ ଯଥା: ଫଳ, ଆଇସ୍କ୍ରିମ୍, ଲହୁଣୀ । ଏଇ ସବୁ ସାମଗ୍ରୀ ଗୁଡ଼ିକ ସାଧାରଣ ବସ୍ତୁ । ଯାହାର ଚାହିଦା ଆୟବୃଦ୍ଧି ପାଇବା ସହିତ ବୃଦ୍ଧିପାଇବ । ଏଣୁ ସାଧାରଣ ବସ୍ତୁ ଗୁଡ଼ିକ କ୍ରେତାର ଆୟ ସହିତ ସିଧାସଳଖ ସଂପର୍କିତ । ତେଣୁ ସାଧାରଣ ଦ୍ରବ୍ୟ କ୍ଷେତ୍ରରେ ଚାହିଦା ଓ ଦର ପରସ୍ପର ବିପରୀତ ସଂପର୍କ ।

କିନ୍ତୁ ଏପରି କେତେକ ବସ୍ତୁ ବା ପଦାର୍ଥ ଅଛନ୍ତି ଯାହାପ୍ରତି ଚାହିଦା ବ୍ୟକ୍ତିର ଆୟ ବୃଦ୍ଧି ସହିତ ହ୍ରାସପାଏ । ଉଦାହରଣ ସ୍ୱରୂପ ମୁଢ଼ି, ମାଣ୍ଡିଆ ଓ କୁନ୍ଦୁରୀ ଆଦି ଗୁଡ଼ିକ ନିକୃଷ୍ଟ ଦ୍ରବ୍ୟ ହିସାବରେ ସାଧାରଣ ଭାବରେ ଗ୍ରହଣ କରାଯାଏ । ଏଗୁଡ଼ିକର ଚାହିଦା କ୍ରେତାର ଆୟ ସହିତ ବିପରୀତଧର୍ମୀ ଭାବେ ସଂପର୍କିତ । କାରଣ ଏହିସବୁ ଦ୍ରବ୍ୟ କ୍ଷେତ୍ରରେ ଆୟବୃଦ୍ଧି ସହିତ ଚାହିଦାର ହ୍ରାସ ଘଟିଥାଏ ।

### ୪. ରୁଚି ପସନ୍ଦ ଓ ଫେସନ

ରୁଚି, ପସନ୍ଦ ଓ ଫେସନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଟେ କୌଣସି ଦ୍ରବ୍ୟ ପ୍ରତି ଥିବା ଚାହିଦା ନେଇ । ଉଦାହରଣ ଯଦି ମୋନିକା ଜିନ୍‌ପ୍ୟାଣ୍ଟ ଓ ଟପ୍ ପସନ୍ଦ କଲା ସାଲୱାର ଓ କମିଜ୍ ତୁଳନାରେ ତେବେ ଜିନ୍ ଓ ଟପ୍ ପ୍ରତି ତାର

ଚାହିଦା ବୃଦ୍ଧିପାଇବ । ଏଣୁ କୌଣସି ଦ୍ରବ୍ୟ ପ୍ରତି ଚାହିଦା ବୃଦ୍ଧିପାଇବ ତାହା ଯଦି କ୍ରେତା ଦ୍ୱାରା ପସନ୍ଦ ଯୋଗ୍ୟ ହେବ ଫେସନରେ ଆସୁଥିବା ପରିବର୍ତ୍ତନ କାରଣରୁ । ଅନ୍ୟପଟେ ସେଇ ସାମଗ୍ରୀର ଚାହିଦା ହ୍ରାସ ପାଇବ ଯାହା କ୍ରେତାର ପସନ୍ଦ ନୁହେଁ ବା ପୁରୁଣା ଫେସନ ହୋଇଗଲାଣି ।

## ୯.୪ ବ୍ୟକ୍ତିଗତ ଚାହିଦା ସୂଚୀ

ପ୍ରତିଟି ବ୍ୟକ୍ତିବିଶେଷ ତାର ଅଭାବ ପୂରଣ ପାଇଁ କିଛି କିଛି ଦ୍ରବ୍ୟ ଓ ସେବା ଚାହିଦା କରନ୍ତି । ଉପର ଉଦାହରଣରେ ଆମେ ଦେଖିଛେ ବର୍ଷା ଚାଉଳ, ଡାଲି, ଅଟା ଏବଂ ଆମ୍ବ ଗୋଟିଏ ସପ୍ତାହ ପାଇଁ ଚାହଦା କରିଥିଲା । ବର୍ଷାର କ୍ରୟ ସେଇଠାରେ ଶେଷ ହେଉନି । ସେ ପୁଣି ଏ ସବୁ କ୍ରୟକରିବ ଯେତେବେଳେ ତାର ଆବଶ୍ୟକ ପଡ଼ବ । ସେ ଯେତେବେଳେ ବଜାରକୁ ଯିବ ଓ ସେ ସେଇ ସମାନ ପରମାଣର ଦ୍ରବ୍ୟ କିଣିବ ନା ନାହିଁ , ତାହା ଦର ଉପରେ ନିର୍ଭର କରିବ ସେସବୁ ଦାମ୍ ସମାନ ଅଛିନା ନାହିଁ । ପ୍ରଥମେ ଯେକୌଣସି ଗୋଟିଏ ସାମଗ୍ରୀର କିଣାକଥାକୁ ବିଚାରକୁ ନିଆଯାଉ, ଧରନ୍ତୁ ଆମ୍ବ କଥା ଏକ ନିର୍ଦ୍ଦିଷ୍ଟ ସମୟରେ ସେଥିପ୍ରତି ଚାହିଦା କଣ ରହୁଛି । ଧରାଯାଉ ଅନ୍ୟାନ୍ୟ ସାମଗ୍ରୀର ଦର, ବର୍ଷା ପକେଟରେ ପଇସା ଏବଂ ତାର ରୁଚି ବା ପସନ୍ଦ ପରିବର୍ତ୍ତନ ହୋଇନାହିଁ । ବର୍ଷାର ଆମ୍ବ କିଣାକୁ ନିରୀକ୍ଷଣ କଲେ କିଛି ସମୟ ଆମେ ଏଇଆ ସବୁ ଦେଖିଲେ ।

ଯଦି ଆମ୍ବର ଦାମ୍ ୫୦ଟଙ୍କା ରହିଛି ତେବେ ବର୍ଷା ସାପ୍ତାହିକ ପାଇଁ ୨କେଜି ଆମ୍ବ କିଣୁଛି । ଯଦି ଆମ୍ବଦାମ ୬୦ଟଙ୍କାକୁ ବୃଦ୍ଧି ପାଉଛି ତେବେ ବର୍ଷା ୧.୫କେଜି ଆମ୍ବ ସପ୍ତାହକ ପାଇଁ କିଣୁଛି । ଯଦି ଦାମ ୪୦ଟଙ୍କାକୁ ହ୍ରାସ ପାଉଛି ତେବେ ସେ ୨.୫କେ.ଜି. ଆମ୍ବ ସପ୍ତାହକ ପାଇଁ କିଣିବାକୁ ଇଚ୍ଛୁକ । ତାର ଅର୍ଥ ଆମ୍ବ ଦାମ ୫୦ଟଙ୍କା ହେଲେ ବର୍ଷା ସପ୍ତାହକ ପାଇଁ ୨କେଜି କିଣୁଛି ।

ଆମ୍ବ ୬୦ଟଙ୍କା ହେଲେ ବର୍ଷା ସପ୍ତାହକ ପାଇଁ ୧.୫କେଜି କିଣୁଛି ।
ଯଦି ଦାମ ୪୦ଟଙ୍କା ହେଲେ ବର୍ଷା ସପ୍ତାହକ ପାଇଁ ୨.୫କେଜି କିଣୁଛି, ଆମ୍ବ ଦାମ୍ ୩୦ଟଙ୍କା ହେଲେ ବର୍ଷାର ଚାହିଦା ୩କେଜି ହେଉଛି । ଏହାକୁ ସାରଣୀ ୯.୧ ରେ ପ୍ରକାଶ କରାଗଲା ।

**ସାରଣୀ ୯.୧ ବର୍ଷାର ଆମ୍ବପ୍ରତି ଥିବା ଚାହିଦା**

| ଆମ୍ବର ଦାମ୍ (କେଜି ପ୍ରତି ଟଙ୍କା) | ଆମ୍ବ ଚାହିଦାର ପରିମାଣ ସପ୍ତାହକ ପ୍ରତି (କେଜି ରେ) |
|---|---|
| ୮୦ | ୦.୫ |
| ୭୦ | ୧.୦ |
| ୬୦ | ୧.୫ |
| ୫୦ | ୨.୦ |
| ୪୦ | ୨.୫ |
| ୩୦ | ୩.୦ |

ସାରଣୀ ୯.୧ରେ ବର୍ଷା କିପରି ସପ୍ତାହକ ପାଇଁ ବିଭିନ୍ନ ନାମରେ ବିଭିନ୍ନ ପରିମାଣ ଚାହିଦା କରୁଛି ତାହା ଦର୍ଶାଉଛି । ସାରଣୀରେ ବିଭିନ୍ନ ପ୍ରକାର ଦାମରେ ବିଭିନ୍ନ ପରିମାଣର ଚାହିଦାର ପ୍ରଦର୍ଶନକୁ ବ୍ୟକ୍ତିଗତ ସୂଚୀ କୁହାଯାଏ ।

କୌଣସି ଦ୍ରବ୍ୟପ୍ରତି ଜଣେ ବ୍ୟକ୍ତିଗତ କ୍ରେତାର ଚାହିଦାକୁ ବ୍ୟକ୍ତିଗତ ଚାହିଦା ସୂଚୀ କୁହାଯିବ । ନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ ଜଣେ ବ୍ୟକ୍ତି ବିଭିନ୍ନ ଦାମ୍‌ରେ କ୍ରୟ କରିବାକୁ ଚାହୁଁଥିବା ପରିମାଣକୁ ବ୍ୟକ୍ତିଗତ ଚାହିଦା କୁହାଯାଏ ।

## ୯.୫ ଚାହିଦାର ସୂତ୍ର

ଚାହିଦଦାର ସୂତ୍ର ଆମକୁ ଦାମ ଓ ଚାହିଦାର ପରିମାଣ ମଧ୍ୟରେ ଥିବା ସଂପର୍କକୁ ଦର୍ଶାଏ । ଯେତେବେଳେ କି ଅନ୍ୟାନ୍ୟ ବିଷୟ ସ୍ଥିର ରୁହେ କେବଳ ଦାମକୁ ଛାଡ଼ି ।

ପୂର୍ବରୁ ଆଲୋଚିତ ହୋଇଛି ବସ୍ତୁ ବା ଦ୍ରବ୍ୟ ପ୍ରତି ଚାହିଦା ବିଭିନ୍ନ କାରଣ ଦ୍ୱାରା ପ୍ରଭାବିତ ଯଥା, ଦ୍ରବ୍ୟର ଦାମ, ସଂପର୍କିତ ସାମଗ୍ରୀର ଦାମ୍, କ୍ରେତାର ଆୟ, ରୁଚି ଏବଂ ପସନ୍ଦ ଆଦି । ଅଥଏବ "ଚାହିଦା ନିୟମ" ଦ୍ରବ୍ୟର ଦାମରେ ପରିବର୍ତ୍ତନ ହେଲେ ଚାହିଦାର ପରିମଣରେ କିପରି ପ୍ରଭାବ ପଡ଼ିବ ସେଥିନେଇ ସୂଚନା ଦିଏ, ଯେଉଁଠାରେ ଧରି ନିଆଯାଏଯେ, ସଂପର୍କିତ ଦ୍ରବ୍ୟର ଦାମ, କ୍ରେତାର ଆୟ, ରୁଚି, ପସନ୍ଦ ତଥା ଅନ୍ୟାନ୍ୟ ବିଷୟ ଅପରିବର୍ତ୍ତିତ ଥାଏ ।


ଅନ୍ୟାନ୍ୟ ବିଷୟ ସ୍ଥିର ଓ ଅପରିବର୍ତ୍ତିତ ରହି ଯଦି କୌଣସି ସାମଗ୍ରୀ ଦାମ୍ ହ୍ରାସ ପାଇଲା ତେବେ ସେହି ସାମଗ୍ରୀର ଚାହିଦା ବୃଦ୍ଧିପାଇବ ଏବଂ ଯଦି ଦାମ୍ ବୃଦ୍ଧିପାଇଲା ଚାହିଦା ପରିମାଣ ହ୍ରାସ ପାଇବ । ଏହା ହିଁ ମୋଟାମୋଟି ଚାହିଦାର ନିୟମ । ଅର୍ଥାତ୍ ଦାମ୍ ଓ ଚାହିଦା ମଧ୍ୟରେ ଏକ ବିପରୀତ ମୁଖୀ ସଂପର୍କ ଅଛି ।

## ୯.୬ ବ୍ୟକ୍ତିଗତ ଚାହିଦା ରେଖା

ଯେତେବେଳେ ଦାମ୍ ଓ ଚାହିଦାର ପରିମାଣର ସମ୍ପର୍କକୁ ରେଖାଙ୍କନ ମାଧ୍ୟମରେ ପ୍ରଦର୍ଶିତ କରାଯାଏ ତାକୁ ଚାହିଦା ରେଖା କୁହାଯାଏ । ଏହି ଚାହିଦା ରେଖା "ଚାହିଦା ନିୟମର ରେଖାଙ୍କନ ପ୍ରଦର୍ଶନ ଅଟେ । ଏହି ଚାହିଦା ରେଖା ବିଭିନ୍ନ ପରିମାଣର ସାମଗ୍ରୀ କିପରି ବିଭିନ୍ନ ଦାମରେ ଚାହିଦା କରାଯାଇଛି ତାର ରେଖାଙ୍କନ ଅଟେ ।

ଆମେ ବର୍ଷାର ଆମ୍ବ ପାଇଁ ଥିବା ଚାହିଦାକୁ ନେଇ ଚାହିଦା ରେଖା ଅଙ୍କନ କରିବା । ସାରଣୀ ୯.୧ ସାହାଯ୍ୟ କରେ ।

ଆମ୍ବର ଚାହିଦାକୁ $X$ -ଅକ୍ଷ ରେ ନିଆଯାଇଛି ଓ $Y$ -ଅକ୍ଷରେ ଆମ୍ବର ଦାମକୁ ନିଆଯାଇଛି । $OY$ -ଅକ୍ଷରେ ୩୦ଟଙ୍କାରୁ ନେଇ ୮୦ଟଙ୍କା ପର୍ଯ୍ୟନ୍ତ ଉଲ୍ଲେଖ ଅଛି । ସମାନ୍ତରଳ $OX$ -ଅକ୍ଷରେ ଆମ୍ବର ପରିମାଣ ୫୦୦ଗ୍ରାମଠାରୁ ନେି ୩କି.ଗ୍ରା. ପର୍ଯ୍ୟନ୍ତ ଅଛି । ଆମେ ଦେଖିବା ଯେତେବେଳେ ଦାମ୍ ୮୦ଟଙ୍କା ବର୍ଷା ସେତେବେଳେ ୫୦୦ଗ୍ରାମ ଆମ୍ବ କିଣୁଛି । ଏହା (କ) ରେ ଉଲ୍ଲେଖ ଠିକ୍ ସେହିପରି ଖ, ଗ, ଘ, ଙ, ଚ ଆଦି ଉଲ୍ଲେଖ ଅଛି । ଏହି କ, ଖ, ଗ, ଘ, ଙ ଓ ଚକୁ ଆମେ ମିଶାଇଦେଲେ ବର୍ଷାର ଆମ୍ବପ୍ରତିଥିବା ଦାମ୍ ଓ ଚାହିଦା ପରିମାଣ କଥାହିଁ ସୂଚଉଛନ୍ତି ବା ସେମାନଙ୍କ ସଂପର୍କ ନେଇ ସୂଚନା ଦେଉଛନ୍ତି । ଚାହିଦା ସୂଚୀ ଯେତେବେଳେ ତାକୁ ଏକ ସାରଣୀରେ ଦର୍ଶାଉଛି ଚାହିଦା ରେଖା ତାକୁ ଅଙ୍କନରେ ଦର୍ଶାଉଛି ।




ଚିତ୍ର ୯.୧ ବ୍ୟକ୍ତିଗତ ଚାହିଦା ରେଖା

ଉପରୋକ୍ତ "କ" ବିନ୍ଦୁରେ ବର୍ଷା ଟ୮୦.୦୦ରେ ୫୦୦ଗ୍ରାମ୍ ଆମ୍ବର ଚାହିଦା ପ୍ରତି ଫଳିତ ହୋଇଛି । ସେହିପରି "ଖ", "ଗ","ଘ" ଓ "ଙ" ବିନ୍ଦୁରେ ଯଥାକ୍ରମେ ବର୍ଷାର ଚାହିଦା ଆମ୍ବ ପ୍ରତି ସୃଷ୍ଟି ହେଉଛି । ଏହି ସମସ୍ତ ବିନ୍ଦୁକୁ ଯୋଗକଲେ ଚାହିଦା ରେଖା ଉତ୍ପନ୍ନ ହୁଏ ।

ଚାହିଦା ରେଖା ହେଉଛି ସୂତ୍ରର ରେଖାଙ୍କିତ ଉପସ୍ଥାପନ । ଚାହିଦା ରେଖାରେ ବିଭିନ୍ନ ପରିମାଣର ଚାହିଦାର ସୂଚନା ଦିଏ । ସାରଣୀ ୯.୧ରୁ ବର୍ଷାର ଆମ୍ବପ୍ରତି ଚାହିଦାର ପରିମାଣର ବ୍ୟକ୍ତିଗତ ଚାହିଦାରେଖାରୁ ମିଳିଥାଏ ।

ଉପରୋକ୍ତ ଦର ଓ ଚାହିଦାର ପରିମାଣର ସମ୍ପର୍କ ରେଖା ଚିତ୍ରରେ ଉପସ୍ଥାପନ କଲେ, ଚାହିଦା ରେଖା ମିଳିଥାଏ ।

## ପାଠଗତ ପ୍ରଶ୍ନ ୯.୨

୧. ଚାହିଦାର ସୂତ୍ର କଣ ଦର୍ଶାଅ ?

୨. ଚାହିଦା ସୂତ୍ରର ସର୍ତ୍ତ କ'ଣ ?

୩. ଯଦି ଆମ୍ବର ଦାମ୍ ୮୦ଟଙ୍କାକୁ ବୃଦ୍ଧି ପାଇବ ତେବେ ତୁମର ଚାହିଦା କ'ଣ ହେବ ? ଏହା ସର୍ତ୍ତ ରହିବ ଯେ ବା ଆକଳନ କରାଯିବ ଯେ ତୁମ ଆୟ, ରୁଚି, ପସନ୍ଦ ଆଦି ପରିବର୍ତ୍ତନ ହେବ ନାହିଁ ।

## ୯.୭ ବ୍ୟକ୍ତିଗତ ଚାହିଦା ରେଖାର ଆକୃତି

ଚାହିଦା ସୂତ୍ର ଅନୁଯାୟୀ, ଚାହିଦାକୁ ପ୍ରଭାବିତ କରୁଥିବା ଅନ୍ୟ ସମସ୍ତ କାରଣ ସ୍ଥିର ରହି ଯଦି ଦାମ୍ କମିବ ତେବେ କ୍ରେତା ଅଧିକ କିଣିବ ଓ ଯଦି ଦାମ ବଢ଼ିବ ତେବେ କ୍ରେତା କମ କିଣିବ । ଦାମ୍ ଓ ଚାହିଦା ମଧ୍ୟରେ ଥିବା ବିପରୀତମୁଖୀ ସଂପର୍କ କାରଣରୁ ଚାହିଦା ରେଖା ବାମରୁ, ଦକ୍ଷିଣ ଦିଗକୁ (ଡାହାଣକୁ) ନିମ୍ନଗାମୀ ହୋଇଥାଏ । କିନ୍ତୁ ପ୍ରଶ୍ନ ଉଠେ କାହିଁକି ଜଣେ କ୍ରେତା କମ ଦାମରେ ଅଧିକା କିଣିବ ଓ ଅଧିକା ଦାମରେ କମ୍ କିଣିବ ? ଅନ୍ୟ ଅର୍ଥରେ କହିଲେ ଚାହିଦା ରେଖା ବାମରୁ ଡାହାଣକୁ ନିମ୍ନଗାମୀ ହୁଏ କାହିଁକି ? ଦାମ ଓ ଚାହିଦା ମଧ୍ୟରେ ଥିବା ବିପରୀତମୁଖୀ ସଂପର୍କକୁ ତାର ପ୍ରମୁଖ କାରଣକୁ ଆସନ୍ତୁ ଦେଖିବା ।

୧. ଯେତେବେଳେ କୌଣସି ପଦାର୍ଥ ଅଧିକ ଉପଭୋଗ କରାହେବ ବା ବ୍ୟବହାର ହେବ । ପ୍ରତ୍ୟେକଟି ପର ପର ଏକକଣୁ ଆମକୁ କଣ ସନ୍ତୋଷ ମିଳିବ ଉଦାହାରଣ ସ୍ୱରୂପ ଜଣେ ତୃଷାର୍ତ୍ତ ବ୍ୟକ୍ତି ପ୍ରଥମେ ରୁଟି ଟି ଖାଇଲେ ଯେତେ ତୃପ୍ତ ହେବ, ତାପର ରୁଟିଟିରେ ଟିକିଏ କମ୍ ତୃପ୍ତି ପାଇବ, ତାପରେ ଆହୁରି କମ, ଏହା ଏପରି ଆଉରି କମି କମି ଆସିବ । ଯଦି ଜଣେ ଅଧିକ ତୃପ୍ତି ପାଇବ ସେ ଅଧିକ ଦାମ୍ ଦେବାକୁ ପ୍ରସ୍ତୁତ ରିହବ ଏବଂ କମ୍ ତୃପ୍ତିପାଇଲେ କମ୍ ଦାମ ଦେବାକୁ ଚାହିଁବ । ଏହାର ଅର୍ଥ ଜଣେ ଅଧିକା କିଣିବାକୁ ଇଚ୍ଛୁକ ହେବ କମ ଦାମ୍‌ରେ ଏବଂ କମ କିଣିବାକୁ ଇଚ୍ଛୁକ ହେବ ଅଧିକ ଦାମ୍‌ରେ । ଚାହିଦା ସୂତ୍ର ଠିକ୍ ଏକାପରି ତଥ୍ୟ ଆମକୁ ଦିଏ, ଯାହାକି ଚାହିଦା ରେଖା ବାମରୁ ଡାହାଣକୁ ବକ୍ରଗତିର କାରଣ ଅଟେ ।

୨. ଧରନ୍ତୁ, ତୁମେ ବଜାରରୁ ଆମ୍ବ କିଣିଲ । ଯଦି ଦାମ୍ ଆମ୍ବର ୪୦ଟଙ୍କା କେଜିପ୍ରତି ଅଛି ତାହାହେଲେ ତୁମେ ଦୁଇ(୨) କେଜି କିଣୁଛ । ଯଦି ଆମ୍ବର ଦାମ୍ ୨୦ଟଙ୍କାରୁ ଖସି ଆସିଲା, ତେବେ ତୁମର କ୍ରୟଶକ୍ତି ବଢ଼ିଯାଉଛି ଏବଂ ତୁମେ ଅଧିକା ଆମ୍ବ କିଣିବା ପାଇଁ ଇଚ୍ଛାକରୁଛ । ପୂର୍ବ ଦାମ୍‌ରେ ତୁମେ ଦୁଇଗୁଣ ଅଧିକ ଆମ୍ବ କିଣିପାରୁଛ । ଏହାର ଅର୍ଥ କ୍ରେତା ଦାମ କମିଲେ ଅଧିକ କିଣୁଛି ଏବଂ ଦାମବଢ଼ିଲେ କମ କିଣୁଛି, ଏହାହିଁ ହେଉଛି କାରଣ ଯେଉଥିପାଇଁ ଚାହିଦାରେଖା ବାମରୁ ଡାହାଣ ଦିଗକୁ ନିମ୍ନଗାମୀ ହେଉଛି ।

୩. ଯେତେବେଳେ କୌଣସି ପଦାର୍ଥର ଦାମ୍ କମୁଛି, ସେତେବେଳେ ତାହା ଉକ୍ତ ପଦାର୍ଥ ବଦଳରେ ମିଳୁଥିବା ପଦାର୍ଥ ତୁଳନାରେ ଶସ୍ତା ହୋଇଥାଏ । ଯଦିଓ ପ୍ରତି ବଦଳ ପଦାର୍ଥ ଦାମ୍‌ରେ କୌଣସି ପରିବର୍ତ୍ତନ ହୋଇନଥାଏ ବା ସ୍ଥିରଥାଏ । ଉଦାହରଣ ସ୍ୱରୂପ ଯେତେବେଳେ କୁକୁଡ଼ା ମାଂସର ଦାମ୍ କମେ, ଦାମ ବଦଳୁ ବା ନବଦଳୁ ସେତେବେଳେ ମାଛ ତୁଳନାରେ କୁକୁଡ଼ା ମାଂସ ଶସ୍ତାଲାଗେ ଏବଂ କ୍ରେତା ଅଧିକରୁ ଅଧିକ କୁକୁଡ଼ା ମାଂସ କିଣିଥାଆନ୍ତି । ଅତଏବ କୌଣସି ବସ୍ତୁ ପ୍ରତି ଚାହିଦା ବଢ଼େ ସେତେବେଳେ ତା ଦାମ୍ କମେ । ଏହା ହିଁ ଚାହିଦା ରେଖାକୁ ଡାହାଣ ଦିଗକୁ ବକ୍ର କରାଏ ।

## ପାଠଗତ ପ୍ରଶ୍ନ ୯.୩

୧. ଯଦି କୌଣସି ବସ୍ତୁର ଦାମ୍ କମେ ତେବେ କ୍ରେତାର ପ୍ରକୃତ ଆୟ ଉପରେ କି ପ୍ରଭାବ ପଡ଼େ ?

୨. ଦାମ୍ ଓ ଚାହିଦା ମଧ୍ୟରେ ବିପରୀତମୁଖୀ ସଂପର୍କ କାରଣରୁ ଚାହିଦା ରେଖାର ଗତି କଅଣ ହେବ ?

୩. ତୁମେ ତୃଷାର୍ତ୍ତ ଅଛ ଏବଂ ଗ୍ଲାସଟିଏ ପାଣି ପିଇଛ । ଦ୍ୱିତୀୟ ଗ୍ଲାସ ପାଣିରୁ ପାଣି ପିଇଲେ ତୁମ ସନ୍ତୋଷ ବୃଦ୍ଧି ପାଇବ ନା ହ୍ରାସ ପାଇବ ?

୪. ତଳେ ଦିଆଯାଇଥିବା ତଥ୍ୟ ନେଇ ଚାହିଦା ରେଖା ଅଙ୍କନ କର ।

| | | | | | |
|---|---|---|---|---|---|
| ଦାମ୍ (ଏକକ ପ୍ରତି ଟଙ୍କା) | ୧ | ୨ | ୩ | ୪ | ୫ |
| ଚାହିଦା (ଏକକ) | ୨୦ | ୧୬ | ୧୨ | ୮ | ୪ |

## ୯.୮ ବସ୍ତୁ/ପଦାର୍ଥର ବଜାର ଚାହିଦା

ବର୍ଷା କେବଳ ମାତ୍ର ଜଣେ କ୍ରେତା ନୁହେଁ ବଜାରରେ ଆମ୍ବର ଆହୁରି ଅନେକ କ୍ରେତା ଅଛନ୍ତି ଯେଉଁମାନେ ଆମ୍ବ ବଜାରରୁ କ୍ରୟ କରନ୍ତି । ଧରାଯାଉ ବିଭା ଓ ସୌମ୍ୟା ପରି ଆଉ ଦୁଇଜଣ କ୍ରେତା ଅଛନ୍ତି ଯେଉଁମାନେ ଆମ୍ବ କିଣିବା ପାଇଁ ଇଚ୍ଛୁକ ।

ଏପରି ସମସ୍ତ ଗ୍ରାହକଙ୍କର ଚାହିଦା ବା ପ୍ରତ୍ୟେକ ଗ୍ରାହକଙ୍କ ଗୋଟିଏ ପଦାର୍ଥ ପ୍ରତି ଚାହିଦା, ଏକ ନିର୍ଦ୍ଦିଷ୍ଟ ଦାମ୍‌ରେ ଏବଂ ଏକ ନିର୍ଦ୍ଦିଷ୍ଟ ସମୟରେ ଘଟିବାକୁ ବସ୍ତୁ ପ୍ରତି ବଜାର ଚାହିଦା କୁହାଯିବ । ଏକ ନିର୍ଦ୍ଦିଷ୍ଟ ସମୟରେ ଭିନ୍ନ ଭିନ୍ନ ଦାମରେ ବଜାରରେ ଯେଉଁ ସମସ୍ତ ବିକ୍ରେତା ଭିନ୍ନ ପରିମାଣର ଦ୍ରବ୍ୟ କ୍ରୟ କରିଥାନ୍ତି ତାହାକୁ ବଜାର ଚାହିଦା କହନ୍ତି ।

ଧରିନିଆଯାଉ ଗୋଟିଏ ପଦାର୍ଥର ମାତ୍ର ତିନିଜଣ ଗ୍ରାହକ ବଜାରରେ ଅଛନ୍ତି । ବର୍ଷା, ବିଭା ଏବଂ ସୌମ୍ୟା - ବଜାର ଚାହିଦା କହିଲେ ଏ ତିନିଜଣ ଗ୍ରାହକଙ୍କର ସମ୍ମିଳିତ ଚାହିଦାପି ବୁଝାଇବ । ଯଦି ଆମେ ବର୍ଷାର ଚାହିଦା ସୂଚୀ ସହିତ ଆଉ ଦୁଇଟି ଅତିରିକ୍ତ ଚାହିଦା ସୂଚୀ ବିଭା ଓ ସୌମ୍ୟାର ୯.୧ ସାରଣୀରେ ଯୋଗ କରିବା ତେବେ ଆମେ ବଜାର ଚାହିଦା ସୂଚୀ ପାଇଯିବା । ଏହା ପରବର୍ତ୍ତି ପୃଷ୍ଠାରେ ଉଲ୍ଲେଖ କରାଗଲା ବା ନିମ୍ନରେ ୯.୨ ସାରଣୀରେ ଉଲ୍ଲେଖ କରାଗଲା ।

### ସାରଣୀ ୯.୨ ଆମ୍ବର ବଜାର ଚାହିଦା

| ଆମ୍ବର ଦାମ୍ (କେଜି ପ୍ରତି) | ସପ୍ତାହକର ଆମ୍ବର ଚାହିଦା (କେଜିରେ) | | | ସପ୍ତାହକରେ ଆମ୍ବର ବଜାର ଚାହିଦା(କେଜିରେ) |
|---|---|---|---|---|
| | ବର୍ଷା | ବିଭା | ସୌମ୍ୟା | |
| ୮୦ | ୦.୫ | ୧.୦ | ୦ | ୧.୫ |
| ୭୦ | ୧.୦ | ୧.୫ | ୦.୫ | ୩.୦ |
| ୬୦ | ୧.୫ | ୨.୦ | ୧.୦ | ୪.୫ |
| ୫୦ | ୨.୦ | ୨.୫ | ୧.୫ | ୬.୦ |
| ୪୦ | ୨.୫ | ୩.୦ | ୨.୦ | ୭.୫ |
| ୩୦ | ୩ | ୩.୫ | ୨.୫ | ୯.୦ |

ଆମ୍ବର ଦାମ୍ ଯେତେବେଳେ ୮୦ଟଙ୍କା କେଜି ପ୍ରତି, ବର୍ଷା ୦.୫ କିଗ୍ରା ଆମ୍ବ ଆମ୍ବ କିଣୁଛି । ବିଭା ଏକ କେଜି ଓ ସୌମ୍ୟା କିଛି କିଣୁନାହିଁ । ତାର ଅର୍ଥ ଆମ୍ବପ୍ରତି ସେଇ ଦାମରେ ବଜାର ଚାହିଦା ହେଉଛି ୧.୫କେଜି ତାହା (୦.୫ + ୧.୦ +୦)=୧.୫ ସପ୍ତାହକର ଏହିପରି ଆମ୍ବର ବଜାର ଚାହିଦା ହପ୍ତାକରେ କେତେ ଆମେ ଅନ୍ୟାନ୍ୟ ଦାମରେ ଅନୁଶୀଳନ କଲେ ପାଇଯିବା । ଏହାକୁ ଉପରୋକ୍ତ ସାରଣୀ ୯.୨ରେ ଦର୍ଶାଯାଇ ଅଛି ।

### ପାଠଗତ ପ୍ରଶ୍ନ ୯.୪

୧. ଯଦି କେବଳ ତିନୋଟି ପରିବାର ଗୋଟିଏ ବଜାରରୁ ସାମଗ୍ରୀ ଖରିଦ୍ କରୁଛନ୍ତି ତେବେ ସେମାନଙ୍କର ବଜାର ଚାହିଦା କଣ ହେଉଛି ନିମ୍ନ ଲିଖିତ ସାରଣୀରୁ ହିସାବ କର ।

| ଦର (ପ୍ରତିଟି ଏକକରଦାମ) | ଚାହିଦାର ପରିମାଣ(ଏକକରେ) ମୋଟ ପରିବାରର | | | ବଜାର ଚାହିଦା (ଏକକରେ) |
|---|---|---|---|---|
| | (କ) | (ଖ) | (ଗ) | |
| ୫ | ୧୫ | ୧୩ | ୩୦ | - |
| ୬ | ୧୨ | ୧୧ | ୨୫ | - |
| ୭ | ୯ | ୯ | ୨୦ | - |
| ୮ | ୬ | ୭ | ୧୫ | - |
| ୯ | ୩ | ୫ | ୧୦ | - |

୨.   ଏଇ ସାରଣୀଟିକୁ ପୂର୍ଣ୍ଣାଙ୍ଗ କର ।

| ଦାମ୍ ଏକକ ପ୍ରତି | ଚାହିଦାର ପରିମାଣ(ଏକକରେ) ମୋଟ ପରିବାରର | | | ବଜାର ଚାହିଦା (ଏକକରେ) |
|---|---|---|---|---|
| | (କ) | (ଖ) | (ଗ) | |
| ୧ | ୧୦ | ୧୨ | - | ୪୮ |
| ୨. | ୮ | ୧୫ | - | ୪୦ |
| ୩. | ୬ | ୧୨ | - | ୩୨ |
| ୪. | ୪ | ୯ | - | ୨୪ |
| ୫. | ୨ | ୬ | - | ୧୬ |

## ୯.୯ ବଜାର ଚାହିଦାକୁ ପ୍ରଭାବିତ କରୁଥିବା କାରଣ

ଆଗରୁ ଯେପରି କୁହାଯାଇଛି, ଏକ ନିର୍ଦ୍ଦିଷ୍ଟ ସମୟରେ ସମସ୍ତ କ୍ରେତା ବିଭିନ୍ନ ଦାମରେ ବଜାରରେ କିଣୁଥିବା ସାମଗ୍ରୀର ସମୁଦାୟ ପରିମାଣକୁ ବଜାର ଚାହିଦା କୁହାଯାଏ । ବ୍ୟକ୍ତିଗତ ଚାହିଦାକୁ ପ୍ରଭାବିତ କରୁଥିବା ଉପାଦାନ ବ୍ୟତିତ ଅନ୍ୟକେତେକ ଉପାଦାନ ବଜାର ଚାହିଦାକୁ ପ୍ରଭାବିତ କରିଥାଏ । ସେଗୁଡ଼ିକ ନିମ୍ନରେ ଆଲୋଚନା କରାଗଲା ।

୧.   **କ୍ରେତାଙ୍କ ସଂଖ୍ୟା:** କେତେ ସଂଖ୍ୟାରେ କ୍ରେତା ଗୋଟେ ପଦାର୍ଥକୁ ଚାହୁଁଛନ୍ତି ତାହା ଅନେକାଂଶରେ ବଜାର ଚାହିଦାକୁ ନିୟନ୍ତ୍ରିତ କରିଥାଏ । ପୂର୍ବୋକ୍ତ ଉଦାହରଣରେ ସାରଣୀ ୯.୨ରେ ଆମେ ତିନିଜଣ କ୍ରେତା କିପରି ବଜାର ଚାହିଦା ପ୍ରଭାବିତ କରୁଛନ୍ତି ଦେଖିଲେ । ତାଙ୍କ ସହିତ ଆଉ ଜଣେ କ୍ରେତା ଯୋଗଦେଲେ ବଜାର ଚାହିଦା ସେଇ ଅନୁଯାୟୀ ପ୍ରଭାବିତ ହେବ । ଯଦି କୌଣସି ପଦାର୍ଥ ପ୍ରତି ଗ୍ରାହକ ଅଧିକା ବଜାର ଚାହିଦା ସେ ପଦାର୍ଥ ପ୍ରତି ନିଶ୍ଚିତ ଅଧିକା ବା ବହୁତ । ଅନ୍ୟ ପଟେ ଗ୍ରାହକ ସଂଖ୍ୟା କମ୍ ହେଲେ ବଜାର ଚାହିଦା କୌଣସି ପଦାର୍ଥ ପ୍ରତି ନିଶ୍ଚୟ କମ୍ ହେବ ।

୨.   **ଆୟ ସଂପଦର ପରିବର୍ତ୍ତନ:** କୌଣସି ଏକ ସମାଜର ଆୟ ଓ ସଂପଦର ପରିବର୍ତ୍ତନ ବଜାର ଚାହିଦାକୁ କୌଣସି ଦ୍ରବ୍ୟପାଇଁ ମଧ୍ୟ ନିୟନ୍ତ୍ରଣ କରିଥାଏ । ଯଦି ଆୟ ଓ ସଂପଦର ପରିବର୍ତ୍ତନ ବେଶି ଧନୀଙ୍କ ସପକ୍ଷରେ ହେବ ତେବେ ଧନୀମାନେ ପସନ୍ଦ କରୁଥିବା ଦ୍ରବ୍ୟର ଚାହିଦା ଅଧିକ ହେବ । ଅନ୍ୟପକ୍ଷରେ ଯଦି ଆୟ ଓ ସମ୍ପଦ ଗରୀବଙ୍କ ସପକ୍ଷରେ ସୁବଣ୍ଟିତ ହେବ ତେବେ ଗରୀବ ମାନେ ପସନ୍ଦ କରୁଥିବା ଦ୍ରବ୍ୟର ଚାହିଦା ବଜାରରେ ବେଶି ଦେଖିବାକୁ ମିଳିବ ।

୩.   **ଜଳବାୟୁ ତଥା ପାଗର ଅବସ୍ଥା:** ସାଧାରଣତଃ ଏହା ଦେଖାଯାଏ ଯେ ଗରମ ଦିନରେ ଆଇସ୍କ୍ରିମ୍‌ର ଚାହିଦା ଅଧିକ । ସେହିପରି ଛତା ଓ ବର୍ଷାତି ବା ରେନ୍‌କୋର୍ଟ ବର୍ଷାଦିନେ ବେଶି ଦରକାର ଏବଂ ଶୀତ ଦିନେ ଉଲ୍ ବା ଗରମ ବସ୍ତ୍ରର ଚାହିଦା ବୃଦ୍ଧିପାଇଥାଏ । ଏଣୁ କୌଣସି ଦ୍ରବ୍ୟର ଚାହିଦା ପାଗ ଓ ଜଳବାୟୁର ଅବସ୍ଥାକୁ ଦେଖି ପ୍ରଭାବିତ ହୋଇଥାଏ ।

## ପାଠଗତ ପ୍ରଶ୍ନ ୯.୫

୧. କୌଣସି ଦ୍ରବ୍ୟ ପ୍ରତି ବ୍ୟକ୍ତିଗତ ଚାହିଦାକୁ ପ୍ରଭାବିତ କରୁଥିବା ଚାରୋଟି କାରଣ ଲେଖ ।

୨. ଚିନିର ଦାମ୍ ବଢ଼ିଲେ ଚାପ୍ରତି ଥିବା ଚାହିଦା କଣ ପ୍ରଭାବ ପଡ଼ିବ ?

୩. ଯଦି ପେପ୍‌ସିର ଦର ହ୍ରାସ ପାଏ ତେବେ କୋକ୍‌ର ଚାହିଦା ଉପରେ କ'ଣ ପ୍ରଭାବ ପଡ଼ିବ ?

୪. ସାଧାରଣ ଦ୍ରବ୍ୟ ଓ ନିକୃଷ୍ଟ ଦ୍ରବ୍ୟ ମଧ୍ୟରେ ତାରତମ୍ୟ ଦର୍ଶାଅ ।

୫. ସର୍ବନିମ୍ନ ପାଞ୍ଚୋଟି ପଦାର୍ଥର ନାମ ପ୍ରସ୍ତୁତକର ବା ତାଲିକା କର ଯାହା ବର୍ତ୍ତମାନ ଫେସନରେ ଅଛି ।

୬. ଖାଲିଥିବା ସ୍ଥାନଗୁଡ଼ିକରେ ଉପଯୁକ୍ତ ଶବ୍ଦ ଲେଖ:

କ) ଯଦି କ୍ରେତାର ଆୟ ହ୍ରାସ ପାଏ, ତେବେ ନିକୃଷ୍ଟ ଦ୍ରବ୍ୟ ପ୍ରତି ତାର ଚାହିଦା ............ ।

ଖ) କାଳିର ଦାମ୍ ବୃଦ୍ଧିପାଇଲେ ଝରକଲମର ଚାହିଦା ................. ।

ଗ) .......... ସଂଖ୍ୟାରୀ କ୍ରେତା ବଜାରରେ କେଉଁ ଦ୍ରବ୍ୟ କିଣିବାକୁ ଆସିଲେ ସେ ଦ୍ରବ୍ୟ ପ୍ରତି ଚାହିଦା ଅଧିକ ହେବ ।

ଘ) ଯଦି ଆୟ ଓ ସମ୍ପଦର ପରିବଣ୍ଟନ ଅଧିକ ......... ସପକ୍ଷରେ ଯିବ । ତେବେ ଗରୀବ ମାନେ ବ୍ୟବହାର କରୁଥିବା ସମାଗ୍ରୀର ଚାହିଦା ଅଧିକ ହେବ ।

## ତୁମେ କ'ଣ ଶିଖିଲ

- କୌଣସି ଦ୍ରବ୍ୟ ପ୍ରତି ଚାହିଦା କହିଲେ ଜଣେ କ୍ରେତା ଏକ ନିର୍ଦ୍ଦିଷ୍ଟ ଦାମରେ ଏବଂ ଏକ ନିର୍ଦ୍ଦିଷ୍ଟ ସମୟରେ କେତେ ପରିମାଣର ସେ ଦ୍ରବ୍ୟ କିଣିବାକୁ ଇଚ୍ଛୁକ ।
- ବ୍ୟକ୍ତିଗତ ଚାହିଦା କହିଲେ ବୁଝାଏ କେତେ ପରିମାଣର ଜଣେ କ୍ରେତା କିଣିବାକୁ ଇଚ୍ଛୁକ ଏକ ନିର୍ଦ୍ଦିଷ୍ଟ ଦାମରେ ଏବଂ ଏକ ନିର୍ଦ୍ଦିଷ୍ଟ ସମୟରେ ।
- ବଜାରର ଚାହିଦା କହିଲେ, ସମସ୍ତ ବ୍ୟକ୍ତିଗତ କ୍ରେତା ମୋଟ କେତେ ପରିମାଣର ଦ୍ରବ୍ୟ ଏବଂ ନିର୍ଦ୍ଦିଷ୍ଟ ଦାମ୍ ଓ ଏକ ନିର୍ଦ୍ଦିଷ୍ଟ ସମୟରେ ବଜାରରୁ କିଣିବାକୁ ଇଚ୍ଛୁକ ।
- ବ୍ୟକ୍ତିଗତ ଚାହିଦାର ନିୟନ୍ତ୍ରକ ମାନେ ହେଉଛନ୍ତି, ଦ୍ରବ୍ୟର ଦାମ, ସଂପର୍କିତ ଦ୍ରବ୍ୟର ଦାମ୍, କ୍ରେତାର ଆୟ, ରୁଚି, ପସନ୍ଦ ଓ ଫେସନ ଆଦି ।
- ବଜାର ଦରର ନିୟନ୍ତ୍ରକ ମାନେ ହେଲେ ସେ ଦ୍ରବ୍ୟ ପ୍ରତି ବ୍ୟକ୍ତିଗତ କ୍ରେତାଙ୍କ ସଂଖ୍ୟା, ଆୟ ସଂପଦର ପରିବଣ୍ଟନ, ଜଳବାୟୁର ସ୍ଥିତି ଉପରକୁ ବ୍ୟକ୍ତିଗତ ଚାହିଦାର ନିୟନ୍ତ୍ରକ ମାନେ ମଧ୍ୟ ।
- ଚାହିଦା ସୂତ୍ର କହିଲେ, ଚାହିଦାକୁ ପ୍ରଭାବିତ କରୁଥିବା ଅନ୍ୟାନ୍ୟ ବିଷୟ ସ୍ଥିର ଥାଇ, କ୍ରେତାଟିଏ କମ୍ ଦାମ୍‌ରେ ଅଧିକା କିଣିବ ଓ ଅଧିକା ଦାମରେ କମ କିଣିବ ।
- ଚାହିଦା ରେଖା, ଚାହିଦା ସୂତ୍ରର ଏକ ରେଖାଙ୍କନ ଉପସ୍ଥାପନ ଅଟେ ।
- କୌଣସି ଦ୍ରବ୍ୟର ଚାହିଦା ରେଖା ବାମରୁ ଦକ୍ଷିଣ ଦିଗକୁ ନିମ୍ନଗାମୀ ଅଟେ ।

## ଅନ୍ତିମ ପ୍ରଶ୍ନାବଳୀ

୧. ଚାହିଦା କହିଲେ କ'ଣ ବୁଝ ? ବ୍ୟକ୍ତିଗତ ଚାହିଦା ଓ ବଜାର ଚାହିଦାର ତାରତମ୍ୟ କ'ଣ ?

୨. ଗୋଟିଏ ଦ୍ରବ୍ୟ ପ୍ରତି ବ୍ୟକ୍ତିଗତ ଚାହିଦାର ନିୟନ୍ତ୍ରକ ଗୁଡ଼ିକ ସଂକ୍ଷେପରେ ଦର୍ଶାଅ ।

୩. ଗୋଟିଏ ଦ୍ରବ୍ୟ ପ୍ରତି ବଜାର ଚାହିଦାକୁ ପ୍ରଭାବିତ କରୁଥିବା ଉପାଦାନ ଗୁଡ଼ିକ କ'ଣ ?

୪. ଚାହିଦା ସୂତ୍ରକୁ ଏକ କାଳ୍ପନିକ / ସମ୍ଭାବ୍ୟ ସଂଖ୍ୟା ତାଲିକା ଦେଇ ବୁଝାଅ ।

୫. ଚାହିଦା ରେଖା କ'ଣ ? ଏକ ବ୍ୟକ୍ତିଗତ ଚାହିଦା ରେଖା ଏକ କାଳ୍ପନିକ ଚାହିଦା ତାଲିକା/ସୂଚୀ ନେଇ ଅଙ୍କନ କର ।

୬. ଚାହିଦାରେଖା କାହିଁକି ବାମରୁ ଡାହାଣକୁ ନିମ୍ନଗାମୀ ?

୭. ଚାହିଦା ସୂତ୍ର ପଛରେ ଥିବା କାରଣ ଗୁଡ଼ିକ କ'ଣ ?

## ପାଠଗତ ପ୍ରଶ୍ନର ଉତ୍ତର

### ପାଠଗତ ପ୍ରଶ୍ନ ୯.୧

୧. ଚାହିଦା କହିଲେ ଜଣେ କ୍ରେତା କେତେ ପରିବାଣର ଏକ ଦ୍ରବ୍ୟ କିଣିବାକୁ ଇଚ୍ଛୁକ ତାହା ପୁଣି ବିଭିନ୍ନ ଦାମରେ ଏବଂ ଏକ ନିର୍ଦ୍ଦିଷ୍ଟ ସମୟରେ ।

୨. କ) ଦ୍ରବ୍ୟର ଦାମ୍

ଖ) କେତେ ପରିମାଣର ଦ୍ରବ୍ୟ କିଣାଯିବ

ଗ) ସମୟ ଅବଧି

### ପାଠଗତ ପ୍ରଶ୍ନ ୯.୨

୧. ଚାହିଦା ସୂତ୍ର କହିଲେ ଅନ୍ୟାନ୍ୟ ଚାହିଦାର ନିର୍ଦ୍ଧାରଣକାରୀ ବିଷୟ ଅପରିବର୍ତ୍ତିତ ରହି ଦ୍ରବ୍ୟ ଦର ଓ ଚାହିଦାର ପରିମାଣ ମଧ୍ୟରେ ବିପରୀତମୁଖୀ ସମ୍ପର୍କକୁ ବୁଝାଇଥାଏ ।

୨. କ) କ୍ରେତାର ଆୟ ଅପରିବର୍ତ୍ତିତ ରହିବ ।

ଖ) ସଂପର୍କିତ ଦ୍ରବ୍ୟର ଦର ସ୍ଥିର ରହିବ ।

ଗ) ରୁଚି, ପସନ୍ଦ ଓ ଫେସନ ଆଦି ପରିବର୍ତ୍ତନ ହେବ ନାହିଁ ।

୩. ସେଓର ଚାହିଦା ହ୍ରାସ ପାଇବ ।

### ପାଠଗତ ପ୍ରଶ୍ନ ୯.୩

୧. ପ୍ରକୃତ ଆୟ ବୃଦ୍ଧିପାଇବ ।

୨. ଚାହିଦା ରେଖା ବାମରୁ ଡାହାଣକୁ ନିମ୍ନଗାମୀ ହେବ ।

୩. ହ୍ରାସ ପାଇବ ।

### ପାଠଗତ ପ୍ରଶ୍ନ ୯.୪

୧. ୫୮, ୪୮, ୩୮, ୨୮, ୧୮

୨. ୨୦, ୧୭, ୧୪, ୧୧, ୮

### ପାଠଗତ ପ୍ରଶ୍ନ ୯.୫

୧. ଦ୍ରବ୍ୟର ଦାମ୍, ସଂପର୍କିତ ଦ୍ରବ୍ୟର ଦାମ୍, କ୍ରେତାର ଆୟ, ରୁଚି, ପସନ୍ଦ ଓ ଫେସନ ।

୨. ହ୍ରାସ ପାଇବ ।

୩. ହ୍ରାସ ପାଇବ ।

୪. ସାଧାରଣ ଦ୍ରବ୍ୟ ପ୍ରତି ଚାହିଦା ବୃଦ୍ଧିପାଇବ, ଆୟ ବୃଦ୍ଧିସହିତ, ଅଥଚ ନିକୃଷ୍ଟ ଦ୍ରବ୍ୟ ପ୍ରତି ଚାହିଦା ହ୍ରାସ ପାଇବ କ୍ରେତାର ଆୟ ବୃଦ୍ଧି ସହିତ ।

୫. ଜିନ୍ସ, ଟପସ୍, ଇଲେକ୍ଟ୍ରୋନିକ୍ ଘଣ୍ଟା, ବଲପେନ୍, ମୋବାଇଲ ଫୋନ

୬. କ) ବୃଦ୍ଧିପାଇବ

ଖ) ହ୍ରାସ ପାଇବ

ଗ) ଅଧିକ

ଘ) ଗରୀବ

# ୧୦

# ଯୋଗାଣ

ପୂର୍ବ ଅଧ୍ୟାୟରେ ଆମେ ଚାହିଦା ସୂତ୍ର, ଚାହିଦାକୁ ନିୟନ୍ତ୍ରଣ କରୁଥିବା ଉପାଦାନ ଓ ଗୋଟିଏ ପଦାର୍ଥ ପ୍ରତି ଚାହିଦା କହିଲେ କଣ ବୁଝ ଜାଣିଲେ । କିନ୍ତୁ ଜଣେ କ୍ରେତା ବସ୍ତୁ ବା ସମାଗ୍ରୀ କିଣିପାରିବ ଯଦି କେବଳ ତାହା ବଜାରରେ ମିଳୁଥିବ । ତେଣୁ ଏବେ ପ୍ରଶ୍ନ ଆସିଲା ବଜାରରେ କିଏ ଦ୍ରବ୍ୟ ଯୋଗାଉଛି । ଦ୍ରବ୍ୟଟିଏ ପ୍ରଥମେ ଉତ୍ପାଦନ ହେବା ଦରକାର, ଉପଯୁକ୍ତ ଭାବେ ସଂରକ୍ଷିତ ରହିବା ଦରକାର ଏବଂ ବଜାରକୁ ପରିବହନ ହେବା ଦରକାର । ଠିକ୍ ଭାବରେ ସଞ୍ଚୟ ଓ ବଜାରକୁ ସ୍ଥାନାନ୍ତରିତ କ୍ରେତା ପାଇଁ ଉପଲବ୍ଧ ହେବା ଆବଶ୍ୟକ । ତୁମେ କେବେ କୌଣସି କୃଷି ଫାର୍ମ ଦେଖିଛକି ? ଯେହେତୁ କୃଷକମାନେ ଶସ୍ୟ ଉତ୍ପାଦନ କରନ୍ତି, ଫଳ ପନିପରିବା ଆଦି ଉତ୍ପନ୍ନ କରନ୍ତି ସେମାନଙ୍କୁ ଏସବୁ ସାମଗ୍ରୀର ଉତ୍ପାଦକ ଭାବେ ଆମେ ଜାଣୁ । ଠିକ୍ ସେପରି ଉପଭୋଗ ସାମଗ୍ରୀର ଯଥା: ବସ୍ତ୍ର, ସାବୁନ୍, ଟୁଥପେଷ୍ଟ, ଟୁଥବ୍ରଶ, ଜୋତା, କଲମ ଆଦି କାରଖାନାରେ ଉତ୍ପନ୍ନ ହୁଏ । ଏ ସବୁ ସାମଗ୍ରୀ ଯିଏ ଉତ୍ପାଦନ କରନ୍ତି ତାଙ୍କୁ ଆମେ ଉତ୍ପାଦକ ଭାବେ ଜାଣୁ । କ୍ରେତା ମାନେ ବଜାରରେ ବିକ୍ରେତାମାନଙ୍କ ଠାରୁ ଏହା କିଣନ୍ତି । ପ୍ରକୃତ ଉତ୍ପାଦନକାରୀ ଏବଂ ବିକ୍ରେତା ବଜାରରେ ହୁଏତ ସମାନ ବ୍ୟକ୍ତି ହୋଇପାରନ୍ତି ଅବା ଭିନ୍ନ ବ୍ୟକ୍ତି । ଯଦି ସେମାନେ ଭିନ୍ନ ଲୋକ ହୋଇଥିବେ ତେବେ ଏହା ସତ ଯେ ବଜାରର ବିକ୍ରେତାମାନେ ସାମଗ୍ରୀ ଗୁଡ଼ିକୁ ପ୍ରକୃତ ଉତ୍ପାଦକ ମାନଙ୍କଠାରୁ ସଂଗ୍ରହ କରି ବଜାରରେ କ୍ରେତାମାନଙ୍କୁ ବିକ୍ରୀ କରନ୍ତି । ଅତଏବ କୃଷକ, ଉଦ୍ୟୋଗପତି-ଉତ୍ପାଦକ ଏବଂ ବିକ୍ରେତା ବଜାରକୁ ଜିନିଷ ଯୋଗାଇଥାନ୍ତି । ଏ ସମସ୍ତଙ୍କୁ ଉତ୍ପାଦକ ବୋଲି କୁହାଯିବ । ଯେଉଁଠାରେ ସାମଗ୍ରୀର ଉତ୍ପାଦନ ହୁଏ ତାକୁ ଫାର୍ମ ବା ସଂସ୍ଥା କୁହାଯାଏ । ତେବେ ଆମେ କହିପାରିବା ଯେ ଫାର୍ମ ମାନେ ଦ୍ରବ୍ୟ ଓ ସେବା ଯୋଗାଇଥାନ୍ତି ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟରେ ପରିସମାପ୍ତିପରେ ଆମେ ଏହା ଜାଣିପାରିବା :

- ଭଣ୍ଡାର ବା ମାଲ ଗଚ୍ଛିତ ରଖିବା ଓ ଯୋଗାଇବା  ବା ଯୋଗାଣ ନେଇ ଜାଣିପାରିବା ।
- କୌଣସି ପଦାର୍ଥର ବ୍ୟକ୍ତିଗତ ଯୋଗଣ ଓ ବଜାର ଯୋଗଣ ନେଇ ଜାଣିପାରିବା ।
- ଯୋଗଣକୁ ପ୍ରଭାବିତ କରୁଥିବା ଉତ୍ପାଦକ ବା ନିୟନ୍ତ୍ରକ ମାନଙ୍କୁ ବୁଝିପାରିବା ।
- ଦ୍ରବ୍ୟର ଦର ସ ଯୋଗାରର ପରିମାଣର ସଂପର୍କ ବିଷୟରେ ଜାଣିପାରିବା ।
- ବ୍ୟକ୍ତିଗତ ଯୋଗାଣ ରେଖାର ଆକୃତି ଓ ଅଙ୍କନ କରିପାରିବା ଓ ଜାଣିପାରିବା ।

## ୧୦.୧ ଯୋଗାଣ କହିଲେ କଣ ବୁଝ

କୌଣସି ଦ୍ରବ୍ୟ ବଜାରରେ ମିଳିବା ଏବଂ ସେ ଦ୍ରବ୍ୟର ବଜାରକୁ ଯୋଗାଣ ନେଇ ଅବୁଝା ରହିବା ଉଚିତ୍ ନୁହେଁ ବା ଦ୍ୱନ୍ଦରେ ରହିବା ଉଚିତ୍ ନୁହେଁ । ଉଭୟ ସମାନ ନୁହେନ୍ତି । ଯଦିଓ କୌଣସି ଦ୍ରବ୍ୟ ବଜାରରେ ମିଳୁଥାଏ । ଏହାର ଅର୍ଥ ଏହା ନୁହେଁଯେ ଏହାକୁ ବଜାରକୁ ଯୋଗଇ ଦିଆଯାଇଛି । ଯୋଗାଣର ସଂଜ୍ଞା ଏପରି ।

"କୌଣସି ପଦାର୍ଥର ଯୋଗାଣ ଅର୍ଥ ଜଣେ ବିକ୍ରେତା କେତେ ପରିମାଣର ସେ ପଦାର୍ଥଟି ବିକ୍ରୟପାଇଁ ଇଚ୍ଛୁକ ଏକ ନିର୍ଦ୍ଧିଷ୍ଟ ଦାମ୍‌ରେ ଏବଂ ନିର୍ଦ୍ଧିଷ୍ଟ ସମୟରେ ହେଉଛି ଯୋଗାଣର ସଂଜ୍ଞା ।" ନିମ୍ନଲିଖିତ ତିନୋଟି କଥା ଉପରେ ଆଧାରିତ ।

୧. ଜଣେ ବିକ୍ରେତା କେତେ ପରିମାଣର ଦ୍ରବ୍ୟ ସାମଗ୍ରୀ ବିକ୍ରୟ ପାଇଁ ଦେଉଛନ୍ତି ବା ଯୋଗାଉଛନ୍ତି ।

୨. ସେ ସାମଗ୍ରୀର ବଜାର ଦର, ଯେଉଁ ଦାମରେ ବିକ୍ରେତା କେଉଁ ପରିମାଣର ଦ୍ରବ୍ୟ ସାମଗ୍ରୀ ବିକିବାକୁ ଇଚ୍ଛୁକ ।

୩. ସମୟ ଅବଧି, ଯେଉଁ ସମୟରେ ବିକ୍ରେତା ସେହି ପରିମାଣର ସାମଗ୍ରୀ ବିକ୍ରୟ ପାଇଁ ଇଚ୍ଛୁକ ।

**ଯୋଗାଣର ଉଦାହରଣ:**

- ଗଙ୍ଗାସିଂହ ତାଙ୍କ ଦୁଗ୍ଧ ଫାର୍ମରୁ ୧୨୦ଲିଟର କ୍ଷୀର ୨୫ଟଙ୍କା ଦରରେ ଗଲା ସପ୍ତାହରେ ବିକ୍ରୟ କରିଥିଲେ ।
- ଫଳବିକାଳୀ ଟିଏ ଗଲା ୧୫ଦିନରେ ୫୦ଟଙ୍କା ଦରରେ ୬୦୦କିଗ୍ରା ସେଓ ବିକ୍ରିକରିଛନ୍ତି ।
- ଏକ୍ସ ନାମକ ଗୋଟିଏ ଫାର୍ମ ୮କୁଇଣ୍ଟାଲ ଚିନି, କ୍ୱିଣ୍ଟାଲ ପ୍ରତି୨୮୦୦ ଟଙ୍କା ଦାମ୍‌ରେ ଦିନକରେ ବିକିଛନ୍ତି ।
- ଶସ୍ୟ ବ୍ୟବସାୟୀ ୩୦୦ କୁଇଣ୍ଟାଲ ଚାଉଳ, କୁଇଣ୍ଟାଲ ପ୍ରତି ୨୩୦୦ଟଙ୍କାରେ ଅଗଷ୍ଟ ମାସରେ ଯୋଗଇଥିଲେ ।

ଲକ୍ଷ୍ୟ କରିବାର କଥା ଯେ, ସମୟଟି ପରିବର୍ତ୍ତିତ ହୋଇପାରେ । ତାହା ଏକ ମାସ, ଏକ ସପ୍ତାହ, ଦୁଇ ସପ୍ତାହ ଏହି ପରି ହୋଇପାରେ ।

## ୧୦.୨ ଗଚ୍ଛିତ ଦ୍ରବ୍ୟ ଓ ଯୋଗାଣ

ଏକ ନିର୍ଦ୍ଧିଷ୍ଟ ସମୟରେ ବିକ୍ରେତା ବା ଫାର୍ମ ପାଖରେ ଥିବା ସମୁଦାୟ ପରିମାଣର ଉପଲବ୍ଧ ଦ୍ରବ୍ୟକୁ ଗଚ୍ଛିତ ଦ୍ରବ୍ୟ ବା ଭଣ୍ଡାର କୁହାଯିବ । ଅନ୍ୟ ପକ୍ଷରେ ଯୋଗଣ ହେଉଛି ସେଇ ଗଚ୍ଛିତ ଦ୍ରବ୍ୟର ଅଂଶ ଯାହାକୁ ବିକ୍ରେତା ଏକ ନିର୍ଦ୍ଧିଷ୍ଟ ସମୟରେ ଏକ ନିର୍ଦ୍ଦିଷ୍ଟ ଦାମରେ ବିକିବାକୁ ଇଚ୍ଛୁକ ଥାଏ । ଏଣୁ ଯୋଗାଣ ଏକ ପ୍ରବାହିତ ଧାରା । ଭଣ୍ଡାର ବା ଗଚ୍ଛିତ ଦ୍ରବ୍ୟ ଏକ ନିର୍ଦ୍ଧିଷ୍ଟ ସମୟରେ ମପାଯାଏ କିନ୍ତୁ ଯୋଗାଣ ମପାଯାଏ କେତେକ ଦିନ ବା ସମୟକୁ ନେଇ । ଉପରୋକ୍ତ ଉଦାହରଣକୁ ଦିଆଯାଉ ଶସ୍ୟ ବ୍ୟବସାୟୀ ୩୦୦କୁଇଣ୍ଟାଲ ଚାଉଳ ୨୩୦୦ ଟଙ୍କାରେ ଅଗଷ୍ଟ ମାସରେ ଯୋଗାଇଥିଲେ । ଧରନ୍ତୁ ବ୍ୟବସାୟୀ ଜଣକ ୮୨୦ କୁଇଣ୍ଟାଲ ଚାଉଳ ସଂଗ୍ରହ କରିଥିଲେ ଅଗଷ୍ଟ ୨୦୧୧ର ପ୍ରଥମଦିନରେ । ଏହାକୁ ପ୍ରଥମ ବା ଏକ ଅଗଷ୍ଟ୨୦୧୧ର ଷ୍ଟକ କୁହାଯିବ । ଏଠାରେ ପ୍ରଥମ ଅଗଷ୍ଟ ୨୦୧୧ ହେଉଛି ସମୟର ଅବଧି ଯେଉଁଦିନ ଷ୍ଟକ ହିସାବକୁ ନିଆଯାଇଥିଲା ବା ମପଯାଇଥିଲା ତିନିଶହ (୩୦୦) କୁଇଣ୍ଟାଲର ଯୋଗାଣ ୨୩୦୦ଟଙ୍କା ଦାମରେ ହେଉଛି ପ୍ରବାହିତ ଧାରା (Flow) ଯେହେତୁ ଅଗଷ୍ଟ ମାସରେ ୩୧ଦିନ ଆମେ ଏହାକୁ ସମୟର ଅବଧି ହିସାବରେ ନେଉ ଯେଉଁ ସମୟରେ ଯୋଗଣକୁ ମପାଯାଇଛି । ଧରିନିଆଯାଉ ବ୍ୟବସାୟୀ ୮୨୦ କୁଇଣ୍ଟାଲ ଚାଉଳ ୨୦୧୧

ମସିହା ଅଗଷ୍ଟ ମାସ ପ୍ରଥମ ଦିନ ସଞ୍ଚୟ କଲେ । ଏହାକୁ ଆମେ ୨୦୧୧ ମସିହା ଅଗଷ୍ଟ ମାସର ପ୍ରଥମ ଦିନର ଦ୍ରବ୍ୟ ଭଣ୍ଡାର କହିବା । ଏଠାରେ ୨୦୧୧ ମସିହା ଅଗଷ୍ଟ ମାସ ପ୍ରଥମ ଦିନ ଏକ ନିର୍ଦ୍ଦିଷ୍ଟ ସମୟରେ ଭଣ୍ଡାର ଅଟେ । ଅଗଷ୍ଟମାସରେ ୩୦୦କୁଇଣ୍ଟାଲରେ ଟ ୨୩୦୦ ଦରରେ ଦ୍ରବ୍ୟର ଯୋଗାଣ ହେଉଛି ପ୍ରବାହ । ତେଣୁ ଯୋଗାଣ ଦ୍ରବ୍ୟର ଭଣ୍ଡାର ଏକ ଅଂଶ । ସମୁଦାୟ ଏହି ୩୧ ଦିନରେ ତାହା ୩୦୦ କୁଇଣ୍ଟାଲ ହେଉଛି ମାସ ଶେଷରେ ଯାହାକୁ ସେ ୨୩୦୦ଟଙ୍କା ଦାମରେ ବିକ୍ରୟ କରିଛନ୍ତି ।
ଅତଏବ ଯୋଗାଣ, ଗଚ୍ଛିତ ଦ୍ରବ୍ୟର (Stock) ଏକ ଅଂଶ ଅଟେ ।

## ପାଠଗତ ପ୍ରଶ୍ନ ୧୦.୧

୧. ଯୋଗାଣ କଣ ?

୨. ଯୋଗାଣରେ ଅନ୍ତର୍ଭୁକ୍ତ ଉପାଦାନ ଗୁଡ଼ିକ କ'ଣ ?

୩. ଦ୍ରବ୍ୟର ଭଣ୍ଡାର ଓ ଯୋଗଣ ମଧ୍ୟରେ ତଫାତ୍ କ'ଣ ?

## ୧୦.୩ ବ୍ୟକ୍ତିଗତ ଯୋଗାଣକୁ ପ୍ରଭାବିତ କରୁଥିବା ଉପାଦାନ ଗୁଡ଼ିକ କ'ଣ ?

କେଉଁ କେଉଁ ଉପାଦାନ ଗୁଡ଼ିକ ବ୍ୟକ୍ତିଗତ ଯୋଗାଣକୁ ପ୍ରଭାବିତ କରେ । ମୁଖ୍ୟତଃ ପ୍ରଭାବିତ କାରଣ ଗୁଡ଼ିକ ନିମ୍ନରେ ଦିଆଗଲା:

- ଦ୍ରବ୍ୟର ଦାମ୍
- ଉତ୍ପାଦନର ବୈଶ୍ୟୟିକ କୌଶଳ
- ଉତ୍ପାଦନରେ ବ୍ୟବହୃତ ଉପାଦାନର ଦାମ୍
- ଅନ୍ୟାନ୍ୟ ସଂପର୍କିତ ଦ୍ରବ୍ୟର ଦାମ୍
- ଫାର୍ମର ବା ଉତ୍ପାଦନ ସଂସ୍ଥାର ଉଦ୍ଦେଶ୍ୟ
- ସରକାରୀ ନୀତି

୧. **ଦ୍ରବ୍ୟର ଦାମ୍:** ଦ୍ରବ୍ୟର ଦାମ୍ ଏକ ଗୁରୁତ୍ୱପୂର୍ଣ୍ଣ ନିୟନ୍ତ୍ରକ କୌଣସି ଏକ ବସ୍ତୁ ବା ଦ୍ରବ୍ୟର ଯୋଗାଣରେ । ଯେତେବେଳେ ଜଣେ ଉତ୍ପାଦକ କୌଣସି ଏକ ଦ୍ରବ୍ୟ ଉତ୍ପାଦନ କରନ୍ତି, ତାକୁ ଅନେକ ଖର୍ଚ୍ଚ ବହନ କରିବାକୁ ପଡ଼ିଥାଏ । ଉଭୟ ଉତ୍ପାଦନର ଉପାଦାନରେ ଏବଂ ଆବଶ୍ୟକୀୟ କଞ୍ଚାମାଲ ପାଇଁ । ଯାହାକୁ ଆମେ କୁହେ ଉତ୍ପାଦନ ଖର୍ଚ୍ଚ । ଉତ୍ପାଦକ ସେ ଖର୍ଚ୍ଚ ଭରଣା କରେ, ଉତ୍ପନ୍ନ ସାମଗ୍ରୀକୁ ଏକ ନିର୍ଦ୍ଦିଷ୍ଟ ଦାମ୍‌ରେ ବଜାରରେ ବିକିବା ପରେ । ଯେହେତୁ ଦାମ୍ ହେଉଚି ହାରାହାରି ଆୟ । ଦାମ୍ ଯେତେ ଅଧିକା ହେବ, ହାରାହାରି ଆୟ ସେତେ ଅଧିକା ହେବ ଏବଂ ସେଇ ଅନୁପାତରେ ମୋଟ ଆୟ ମଧ ଅଧିକା ହୁଏ । ଅତଏବ ଦାମ୍, ଯୋଗଣର ଏକ ଗୁରୁତ୍ୱପୂର୍ଣ୍ଣ ନିୟନ୍ତ୍ରକ ।

୨. **ଉତ୍ପାଦନର ବୈଷୟିକ କୌଶଳ:** ଉତ୍ପାଦନରେ ବୈଷୟିକ କୌଶଳ ଉନ୍ନତ ହେଲେ ପ୍ରତି ଏକକ ଉତ୍ପାଦନପାଇଁ ଉତ୍ପାଦନ ଖର୍ଚ୍ଚ କମିଥାଏ ବା ହ୍ରାସ ପାଇଥାଏ, ଯାହା ଫାର୍ମ (ସଂସ୍ଥା) ଲାଭ ବୃଦ୍ଧିରେ ସହାୟକ ହୁଏ । ଏହାହିଁ ଫାର୍ମକୁ ଅଧିକା ସାମଗ୍ରୀ ଯୋଗାଣକୁ ପ୍ରୋତ୍ସାହିତ କରେ ଉନ୍ନତ ବୈଷୟିକ କୌଶଳ ପ୍ରୟୋଗ କରି । ଅନ୍ୟପକ୍ଷରେ ଯେଉଁ ଫାର୍ମ ପୁରୁଣା ଓ ନିକୃଷ୍ଟ କୌଶଳ ବ୍ୟବହାର କରେ, ତାର ଉତ୍ପାଦନ ଖର୍ଚ୍ଚ ଅଧିକା ହୁଏ ଯାହାକି ଲାଭ ପରିମାଣ କମାଇଦିଏ ଏବଂ ଦ୍ରବ୍ୟର ଯୋଗାଣ ମଧ ସେଥିନେଇ ହ୍ରାସ ପାଏ ।

୩. **ଉତ୍ପାଦନର ଉପାଦାନର ଦାମ୍:** ଧରାଯାଉ ଗୋଟିଏ ଫାର୍ମ ଆଇସ୍କ୍ରିମ୍ ତିଆରି କରୁଛି । ଯଦି କ୍ଷୀରର ଦାମ୍ କମିଯିବ ତେବେ ପ୍ରତିଟି ଏକକ ଆଇସ୍କ୍ରିମ ପାଇଁ ତିଆରି ଖର୍ଚ୍ଚ କମିଯିବ । ଏହା ପ୍ରତିଟି ଆଇସ୍କ୍ରିମ୍‌ରେ ଲାଭ ପରିମାଣ ବଢ଼ିଯିବ । ଏଣୁ ଫାର୍ମ ଆଇସ୍କ୍ରିମ୍ ଯୋଗାଣ ବଢ଼ାଇଦେବ । ଅନ୍ୟପଟେ ଯଦି କ୍ଷୀରର ଦାମ ଯଦି ବୃଦ୍ଧିପାଇବ, ପ୍ରତିଟି ଆଇସ୍କ୍ରିମ୍ ତିଆରି ପାଇଁ ଖର୍ଚ୍ଚ ବୃଦ୍ଧି ପାଇବ । ଏହାର ଲାଭ କମିଯିବ ଏବଂ ଫାର୍ମ ଏଥିପାଇଁ ଯୋଗାଣ କମାଇ ଦେବ । ଅର୍ଥ କୌଣସି ଉପାଦାନର ଯଦି ଦାମ କମିଲା ଦ୍ରବ୍ୟ ଉତ୍ପାଦନରେ, ତେବେ ଏହା ତିଆରି ଖର୍ଚ୍ଚ କମାଇବ, ଫଳରେ ଦ୍ରବ୍ୟ ଯୋଗାଣ ବୃଦ୍ଧି ପାଇବ । ଅନ୍ୟପଟେ ଉତ୍ପାଦନରେ ବ୍ୟବହୃତ ହେଉଥିବା କଞ୍ଚାମାଲ ଦାମ୍ ବୃଦ୍ଧି ପାଇଲେ, ଉତ୍ପାଦନ ଖର୍ଚ୍ଚ ବଢ଼ିବ ଏବଂ ଲାଭର ପରିମାଣ କମିଯିବ ଏବଂ ଦ୍ରବ୍ୟ ଯୋଗାଣ ହ୍ରାସ ପାଇବ ।

୪. **ଅନ୍ୟାନ୍ୟ ସଂପର୍କିତ ଦ୍ରବ୍ୟର ଦାମ୍:** କୌଣସି ଦ୍ରବ୍ୟର ଯୋଗାଣ ଅନ୍ୟାନ୍ୟ ସଂପର୍କିତ ଦ୍ରବ୍ୟର ଦାମ୍ ଉପରେ ମଧ୍ୟ ନିର୍ଭରଶୀଳ । ଧରନ୍ତୁ ଜଣେ କୃଷକ ନିର୍ଦ୍ଦିଷ୍ଟ ସମ୍ବଳ ନେଇ ଧାନ ଓ ଗହମ ଉତ୍ପାଦନ କରନ୍ତି । ଯଦି ଚାଉଳର ଦାମ ବଢ଼ିଯିବ ତେବେ କୃଷକଟି ଅଧିକା ଧାନ ଉତ୍ପାଦନ କରିବା ତାଙ୍କ ପାଇଁ ଲାଭଜନକ ହେବ । କୃଷକ ଜଣକ ସେ କ୍ଷେତ୍ରରେ ତାଙ୍କ ସମ୍ବଳ ଗହମ ଉତ୍ପାଦନରୁ ନେଇ ଆସି ଧାନ ଉତ୍ପାଦନରେ ଲଗାଇବେ । ଫଳରେ ଧାନ ଚାଉଳର ଯୋଗାଣ ବୃଦ୍ଧିପାଇବ ଏବଂ ଗହମ ଉତ୍ପାଦନ ହ୍ରାସ ପାଇବ । ଅନ୍ୟପଟେ ଚାଉଳ ଦାମ୍ ହ୍ରାସ ପାଇଲେ, ଧାନ ଉତ୍ପାଦନ ହ୍ରାସ ପାଇବ ଓ ଗହମ ଯୋଗାଣ ବୃଦ୍ଧିପାଇବ ।

୫. **ଫାର୍ମର ଉଦ୍ଦେଶ୍ୟ:** ବିଭିନ୍ନ ଉତ୍ପାଦନ ସଂସ୍ଥା ବା ଫାର୍ମ ମାନଙ୍କର ଭିନ୍ନ ଭିନ୍ନ ଉଦ୍ଦେଶ୍ୟ ଥାଏ । କିଛି ଫାର୍ମ ମାନଙ୍କର ଉଦ୍ଦେଶ୍ୟ ଥାଏ ଲାଭ ବୃଦ୍ଧି କରିବା, କିନ୍ତୁ ଅନ୍ୟ କେତେକ ଉତ୍ପାଦନ ସଂସ୍ଥା ତାଙ୍କର ବ୍ୟବସାୟର ଭଲ ମାନ ସମ୍ମାନ ଓ ଅନ୍ୟକେତେକ ସଂସ୍ଥା ନିଯୁକ୍ତି ସୃଷ୍ଟି ପାଇଁ ଲକ୍ଷ୍ୟ ରଖିଥାଆନ୍ତି । ଏପରି କିଛି ଫାର୍ମ ବା ସଂସ୍ଥା ଥାନ୍ତି ଯେଉଁମାନେ ବିକ୍ରୀ ବଢ଼ାଇବା ଉଦ୍ଦେଶ୍ୟରେ କାମ କରନ୍ତି । ଯେଉଁ ସଂସ୍ଥା (ଫାର୍ମ)ର ବିକ୍ରୀ ବଢ଼ାଇବା ଉଦ୍ଦେଶ୍ୟ ଥାଏ ସେ ଫାର୍ମ ଅଧିକା ଦ୍ରବ୍ୟ ଯୋଗାଇଥାନ୍ତି ଏପରିକି କମ ଦାମରେ । ଅତଏବ କୌଣସି ଦ୍ରବ୍ୟର ଯୋଗଣ ଫାର୍ମ କେଉଁ କଥାଟିକୁ ପ୍ରାଥମିକଣା ଦେଉଛି ତା ଉପରେ ନିର୍ଭରଶୀଳ ତାଏ ଏବଂ ଗୋଟିକୁ ଆରଟି ପାଇଁ ପରିତ୍ୟାଗ କରିବାର ପ୍ରସ୍ତୁତ ବା ଇଚ୍ଛା ଉପରେ ନିର୍ଭର କରେ ।

୬. **ସରକାରୀ ନୀତି:** ସରକାରୀ ନୀତି ମଧ୍ୟ ଅନେକାଂଶରେ ଗୋଟିଏ ଦ୍ରବ୍ୟର ଯୋଗାଣକୁ ପ୍ରଭାବିତ କରେ । ଉଦାହରଣ ସ୍ୱରୂପ ଯଦି ସରକାର କୌଣସି ସାମଗ୍ରୀ ଉପରେ ମୁଲ୍ୟ ବୃଦ୍ଧିଜନିତ ଟିକସ ବା ବିକ୍ରୀ ଟିକସ ଲାଗୁକରନ୍ତି ତେବେ ଉତ୍ପାଦନ ଖର୍ଚ୍ଚ ପ୍ରତିଟି ଏକକ ଉତ୍ପାଦନ ପାଇଁ ବୃଦ୍ଧିପାଇବ ଯାହାକି ସାମଗ୍ରୀଟିର ଯୋଗାଣକୁ ହ୍ରାସ କରିବ । ଅନ୍ୟ ଦିଗରେ ଯଦି ସରକାରୀ ନୀତି ଟିକସ ହ୍ରାସ କରିବେ ତେବେ ଉତ୍ପାଦନ ଖର୍ଚ୍ଚ ହ୍ରାସ ପାଇବ ଫଳରେ ଦ୍ରବ୍ୟର ଯୋଗାଣ ବୃଦ୍ଧିପାଇବ ।

## ୧୦.୪ ବ୍ୟକ୍ତିଗତ ଯୋଗାଣ ସୂଚୀ

ଗୋଟିଏ ବ୍ୟକ୍ତିଗତ ଉତ୍ପାଦନ ସଂସ୍ଥାର ଯୋଗାଣକୁ ବ୍ୟକ୍ତିଗତ ଯୋଗାଣ କୁହାଯାଏ । ଗୋଟିଏ ଦ୍ରବ୍ୟର ବ୍ୟକ୍ତିଗତ ଯୋଗାଣ ସୂଚୀ ତିଆରି କରିବାକୁ ହେଲେ ଆମେ ବିଭିନ୍ନ ଦରରେ ବିଭିନ୍ନ ଯୋଗାଣର ପରିମାଣର ତଥ୍ୟ ଆବଶ୍ୟକ କରୁ । ଏଇ ଅଧ୍ୟାୟରେ ପୂର୍ବରୁ ଦିଆଯାଇଥିବା ଯୋଗଣ ସଂପର୍କିତ ସମସ୍ତ ଉଦାହରଣରେ ଆମେ କେବଳ ଏକ ନିର୍ଦ୍ଦିଷ୍ଟ ପ୍ରକାରର ଦ୍ରବ୍ୟ କିପରି ଏକ ନିର୍ଦ୍ଦିଷ୍ଟ ଦାମରେ ବିଭିନ୍ନ ସମୟରେ ଯୋଗାଣ ହୋଇଥାଏ ଆମେ ଉଲ୍ଲେଖ କରିଛେ । ଆମେ କିନ୍ତୁ ଜାଣୁ ବାସ୍ତବରେ ସାମଗ୍ରୀର ଦାମ୍‌ରେ ପରିବର୍ତ୍ତନ

ହୋଇଥାଏ । ବର୍ତ୍ତମାନ ଆମକୁ ଏହି ପ୍ରଶ୍ନର ଉତ୍ତର ଯଥା - କୌଣସି ଦ୍ରବ୍ୟ ଦାମ ପରିବର୍ତ୍ତନ ହେଲେ କ'ଣ ଘଟିବ ? ସ୍ୱଭାବତଃ ଦ୍ରବ୍ୟର ପରିମାଣରେ ପରିବର୍ତ୍ତନ ଆସିବ । ଧରନ୍ତୁ ଫାର୍ମ ଏକ୍ସ ଲିମିଟେଡ୍ ୮କୁଇଣ୍ଟାଲ ଚିନି ଦିନକୁ ବିକ୍ରୟ କରେ, କୁଇଣ୍ଟାଲ ପ୍ରତି ୨୮୦୦ଟଙ୍କା ଦରରେ । ଧରିନିଆଯାଉ ଦାମ ୨୯୦୦ଟଙ୍କାକୁ ବୃଦ୍ଧିପାଇଲା । ଏହା ଦେଖାଗଲାଯେ ଏକ୍ସ ଫାର୍ମ ୯କୁଇଣ୍ଟାଲ ଚିନି ଏହି ଦାମରେ ଦିନକୁ ଯୋଗାଇଛି । ଯେତେବେଳେ ଦାମ ୩୦୦୦ଟଙ୍କାକୁ ବୃଦ୍ଧିପାଇଛି, ଚିନି ଯୋଗାଣ ୧୦କୁଇଣ୍ଟାଲକୁ ବୃଦ୍ଧିପାଇଛି । ଦମ୍ ଯେତେବେଳେ ୩୧୦୦ ଓ ୩୨୦୦ଟଙ୍କା ହୋଇଛି ଦ୍ରବ୍ୟ ଯୋଗାଣର ପରିମାଣ ଯଥାକ୍ରମେ ୧୨ ଓ ୧୫ କୁଇଣ୍ଟାଲ ହୋଇଛି । ବିଭିନ୍ନ ଦାମରେ କିପରି ଭିନ୍ନ ଭିନ୍ନ ପରିମାଣର ଦ୍ରବ୍ୟ ଯୋଗାଯାଇଛି ତଳ ସାରଣୀରେ ଦିଆ ଯାଇଛି ।

**ସାରଣୀ ୧୦.୧ ଏକ୍ସ ଫାର୍ମର ଚିନିଯୋଗାଣ**

| କୁଇଣ୍ଟାଲପ୍ରତି ଦାମ୍ (ଟଙ୍କାରେ) | ଦିନକୁ ଯୋଗାଯାଇଥିବା ଚିନି ପରିମାଣ (କୁଇଣ୍ଟାଲରେ) |
|---|---|
| ୨୮୦୦ | ୮ |
| ୨୯୦୦ | ୯ |
| ୩୦୦୦ | ୧୦ |
| ୩୧୦୦ | ୧୨ |
| ୩୨୦୦ | ୧୫ |

ଉପରୋକ୍ତ ଫାର୍ମ ବା ଉତ୍ପାଦନ ସଂସ୍ଥାର ଦ୍ରବ୍ୟର ଭିନ୍ନ ଭିନ୍ନ ଯୋଗାଣକୁ, ବିଭିନ୍ନଦାମରେ ଯୋଗଣକୁ ସୂଚୀ ବ୍ୟକ୍ତିଗତ ଯୋଗାଣ ସୂଚୀ କୁହାଯାଏ ।

## ୧୦.୫ ଯୋଗାଣ ସୂତ୍ର

ଆମେ ଏବେ ଜାଣିଛେ ଯେ ଯେଉଁ ଛଅଟି ମୁଖ୍ୟ କାରଣ କୌଣସି ଦ୍ରବ୍ୟର ଯୋଗାଣକୁ ନିୟନ୍ତ୍ରଣ କରେ ସେଗୁଡ଼ିକ ହେଲା, ଦ୍ରବ୍ୟର ଦାମ୍, ଅନ୍ୟାନ୍ୟ ସଂପର୍କିତ ଦ୍ରବ୍ୟର ଦାମ, କଞ୍ଚାମାଲ ବା ଉପାଦାନର ଦାମ୍, ଉତ୍ପାଦାନର ବୈଷୟିକ କୌଶଳ, ଉତ୍ପାଦନା ସଂସ୍ଥାର ଲକ୍ଷ୍ୟ ଏବଂ ସରକାରୀ ନୀତି । ଏଥିରୁ ଗୋଟିକରେ ଅବା ସବୁ ଗୁଡ଼ିକରେ ପରିବର୍ତ୍ତନ ହେଲେ ଦ୍ରବ୍ୟ ଯୋଗାଣର ପରିମାଣରେ ପରିବର୍ତ୍ତନ ଆଣିବ । ଆସନ୍ତୁ ଜାଣିବା କୌଣସି ଗୋଟିଏ ନିୟନ୍ତକ ବା କାରଣର ପରିବର୍ତ୍ତନ ହେଲେ କିପରି ଦ୍ରବ୍ୟ ଯୋଗାଣରେ ପରିବର୍ତ୍ତନ ଆସୁଛି । ଅନ୍ୟ ଅର୍ଥରେ କହିଲେ ଗୋଟିଏ ଉପାଦାନର ପରିବର୍ତ୍ତନରେ ଯୋଗାଣର ପରିମାଣରେ କି ପ୍ରକାର ପ୍ରଭାବ ପଡୁଛି । ଏକଥା ଜାଣିବା ପାଇଁ ଅନ୍ୟାନ୍ୟ ସମସ୍ତ ଉପାଦାନକୁ ଆମେ ଅପରିବର୍ତ୍ତିତ ବା ସ୍ଥିର ରଖିବା । ଆରମ୍ଭ କରିବା ପାଇଁ ଏ ଛଅଟି କାରଣ ମଧ୍ୟରୁ, ଆସନ୍ତୁ ଦେଖିବା କୌଣସି ଦ୍ରବ୍ୟର ଦାମରେ ପରିବର୍ତ୍ତନ ହେଲେ ତାହାର ଯୋଗାଣର ପରିମାଣରରେ କି ପରିବର୍ତ୍ତନ ଆସୁଛି । ଏହା ଜାଣିବା ପାଇଁ ଆମକୁ ଧରିନେବାକୁ ହେବଯେ ଅନ୍ୟାନ୍ୟ ସମସ୍ତ କାରଣ ଗୁଡ଼ିକ ଅପରିବର୍ତ୍ତିତ ବା ସ୍ଥିର ରହିବ ଏହି ସମୟରେ । ଦାମ ଓ ଯୋଗାଣର ପରିମାଣର ସଂପର୍କ, ଯେତେବେଳେ ଅନ୍ୟାନ୍ୟ କାରଣ ଗୁଡ଼ିକ ଯଥା- ସଂପର୍କିତ ଦ୍ରବ୍ୟର ଦାମ, ଉପାଦାନର ଦର, ଉତ୍ପାଦନର କୌଶଳ ଓ ସରକାରଙ୍କର ନୀତି ସ୍ଥିର ରହି କେବଳ ଦାମକୁ ଯୋଗାଣକୁ ପ୍ରଭାବିତ କରେ ତାହା ଯୋଗାଣ ସୂତ୍ରରେ ଉଲ୍ଲିଖିତ ।

ସାରଣୀ ୧୦.୧ ଆଉଥରେ ବିଚାରକୁ ନିଆଯାଉ । ଏହା ଭିନ୍ନ ଭିନ୍ନ ଦାମରେ କିପରି ଭିନ୍ନ ଭିନ୍ନ ପରିମାଣର ଚିନି ଏକ୍ସ ଫାର୍ମ ଦ୍ୱାରା ଯୋଗାଯାଇଛି ତାହା ଦର୍ଶାଉଛି । ସାରଣୀରେ କେବଳ ଦୁଇଟି କଲମ(ସ୍ତମ୍ଭ) ଦାମ ଓ ଯୋଗଣ ପରିମାଣ ଆମେ ଦେଖିପାରିବା । ଅନ୍ୟାନ୍ୟ କାରଣ ବା ଉପାଦାନ ସଂପର୍କରେ ସ୍ତମ୍ଭ ନୀରବ ବା ସେଗୁଡ଼ିକ ସ୍ଥିର ବୋଲି ସୂଚଉଛି । ତୁମେ ଦେଖିପାରିବ ଯେ ଯେତେବେଳେ ଚିନିର ଦର ପ୍ରତି କୁଇଣ୍ଟାଲ





ପିଛା ଟ ୩୦୦୦/- ରେ ସେତେବେଳେ ପ୍ରତିଷ୍ଠାନ ୧୦ କୁଇଣ୍ଟାଲ ଚିନି ଦିନକୁ ବିକ୍ରି କରୁଛି । ଯେତେବେଳେ ଦାମ୍ ଦାମ ଟ ୩୨୦୦/- ସେତେବେଳେ ଏହା ୧୫କୁଇଣ୍ଟାଲ ଦିନକୁ ଯୋଗାଇବ ବୋଲି କହୁଛି । ଅନ୍ୟ ଅର୍ଥରେ କହିଲେ ଦାମ ଯେତେବେଳେ ୨୮୦୦ଟଙ୍କାକୁ ହ୍ରାସ ପାଇଛି ସେତେବେଳେ ଏହା ଦିନକୁ ୮ କୁଇଣ୍ଟାଲ ମାତ୍ର ଯୋଗାଉଛି । ଏହାର ଅର୍ଥ ଦାମ୍ ଅଧିକା ହେଲେ ଅଧିକା ଦ୍ରବ୍ୟ ଯୋଗାଉଛି ଏବଂ ଦାମ୍ କମିଲେ ଦ୍ରବ୍ୟ କମ୍ ଯୋଗାଉଛି । ଅଧିକ ହେଲେ ଦ୍ରବ୍ୟର ଯୋଗଣ ଅଧିକ ଓ ଦାମ କମବେଳେ ଦ୍ରବ୍ୟର ଯୋଗଣ କମ ହୋଇଥାଏ । ଏହି ସୂତ୍ରଅ ହେଉଛି: "ଯୋଗାଣକୁ ନିୟନ୍ତ୍ରଣ କରୁଥିବା ଅନ୍ୟାନ୍ୟ ସମସ୍ତ କଥା ସ୍ଥିର ଥାଇ କୌଣସି ସାମଗ୍ରୀର ଦାମ ଓ ଯୋଗାଣର ପରିମାଣ ସିଧାସଳଖ ସଂପର୍କିତ ।"
ଯୋଗାଣ ସୂତ୍ରକୁ ଆଉ ଏକ ଉଦାହରଣରେ ଦର୍ଶାଯାଇପାରିବ ।

**ସାରଣୀ ୧୦.୨ ମୋହନ ଦ୍ୱାରା ଆମ୍ବର ଯୋଗାଣ**


| ଆମ୍ବର ଦାମ (କେଜିପ୍ରତି) | ଆମ୍ବ ଯୋଗାଣର ପରିମାଣ (କେଜିରେ) |
|---|---|
| ୨୦ | ୧୦୦ |
| ୩୦ | ୨୦୦ |
| ୪୦ | ୩୦୦ |
| ୫୦ | ୪୦୦ |
| ୬୦ | ୫୦୦ |

ଉପରୋକ୍ତ ସାରଣୀ ୧୦.୨ରେ ବିଭିନ୍ନ ଦାମରେ ମୋହନ ପରି ଏକ ଆମ୍ବ ବିକ୍ରେତା ଯୋଗାଇଥିବା ଆମ୍ବର ପରିମାଣକୁ ହିଁ ସୂଚାଉଛି । ମୋହନ ଦିନକୁ ୧୦୦କେଜି ଆମ୍ବ ଯୋଗାଉଛି ଯେତେବେଳେ ଦାମ କେଜି ପ୍ରତି ୨୦ଟଙ୍କା ଅଛି । ଯେତେବେଳେ ଦାମ୍ ୪୦ଟଙ୍କାକୁ ବଢ଼ିଛି ସେ ଦିନକୁ ୩୦୦ କେଜି ଆମ୍ବ ଯୋଗାଇବା ପାଇଁ ପ୍ରସ୍ତୁତ ଏବଂ ଦାମ ବଢ଼ିବା ସହିତ ମୋହନର ଆମ୍ବ ଯୋଗାଣ ବୃଦ୍ଧିପାଇଛି । ତାର ଆମ୍ବ ଯୋଗାଣର ପରିମାଣ ବଢ଼ିଛି ଯେତେବେଳେ ଆମ୍ବର ଦାମ ବଢ଼ିଛି । ଏହା ଚାହିଦା ସୂତ୍ରରେ ନିୟମ ଅନୁସାରେ ହୋଇଛି ।

## ୧୦.୬ ଯୋଗାଣ ରେଖା

ସାରଣୀ ୧୦.୨ରେ ଯେଉଁ ସୂଚନା ଦିଆଯାଇଛି ତାହା ରେଖାଙ୍କନ ମାଧ୍ୟମରେ ଦର୍ଶାଯାଇପାରିବ । ରେଖାଙ୍କନ ସାହାଯ୍ୟରେ ଯୋଗାଣ ସୂତ୍ରକୁ ବର୍ଣ୍ଣନା କରିବା, ଯୋଗାଣ ରେଖାକୁ ହିଁ ବୁଝାଇବ । ଏଣୁ ଯୋଗାଣ ରେଖା ଏକ ନିର୍ଦ୍ଦିଷ୍ଟ ସମୟରେ ଭିନ୍ନ ଭିନ୍ନ ଦାମରେ କେତେ ପରିମାଣର ଦ୍ରବ୍ୟ ଯୋଗାଇଛି ତାହା ଦର୍ଶାଏ । ଆମେ ଚାହିଁଲେ ଗୋଟିଏ ବ୍ୟକ୍ତିଗତ ଯୋଗାଣ ରେଖା ୧୦.୨ସାରଣୀରେ ଦିଆଯାଇଥିବା ସୂଚନା ନେଇ ଅଙ୍କନ କରିପାରିବା ।

ଆମ୍ବର ଯୋଗାଣ ପରିମାଣକୁ $ox$ -ଅକ୍ଷରେ ନିଆଯାଉ ଏବଂ ଦାମ୍‌କୁ $oy$ -ଅକ୍ଷରେ ନିଆଯାଉ । $oy$ -ଅକ୍ଷ ଉଲମ୍ବ ଯାହାକି ସିଧାସଳଖ ଅଛି ଦାମ ୨୦ ଟଙ୍କାରୁ ନେଇ ୬୦ଟଙ୍କା ପର୍ଯ୍ୟନ୍ତ ଚିହ୍ନିତ ଅଛି । $ox$ -ଅକ୍ଷରେ ଯାହାକି ସମାନ୍ତରାଳ ଆମ୍ବର ପରିମାଣ ୧୦୦ କେଜିରୁ ନେଇ ୫୦୦କେଜି ପର୍ଯ୍ୟନ୍ତ ଉଲ୍ଲେଖ ଅଛି । ମୋହନ ୧୦୦ କେଜି ଆମ୍ବ ଯୋଗାଇଛି ୨୦ଟଙ୍କାରେ । ଏହି ସନ୍ତୁଳନ ଦର୍ଶା ଯାଇଛି ଏ ବିନ୍ଦୁରେ ୧୦.୧ ରେଖାଙ୍କନରେ । ଠିକ୍ ସେହିପରି ଦାମ୍ ଏବଂ ଆମ୍ବର ପରିମାଣ ଦର୍ଶାଯାଇଛି ୧୦.୨ ସାରଣୀରେ ଏଠାରେ କ, ଖ, ଗ, ଘ ଏବଂ ଙ ରୂପେ ଦର୍ଶାଯାଇଛି ।




ଚିତ୍ର ୧୦.୧ ବ୍ୟକ୍ତିଗତ ଯୋଗାଣରେଖା

## ୧୦.୭ ଯୋଗାଣ ରେକାର ଆକୃତି/ପ୍ରକୃତି

ଯୋଗାଣ ସୂତ୍ର ନିୟମ ଅନୁଯାୟୀ ଯୋଗାଣକୁ ନିୟନ୍ତ୍ରଣ କରୁଥିବା ଅନ୍ୟାନ୍ୟ ଉପାଦାନ ଗୁଡ଼ିକ ସ୍ଥିର ଥାଇ କୌଣସି ଉତ୍ପାଦନ ସଂସ୍ଥା ଅଧିକା ଦାମରେ ଅଧିକା ପରିମାଣର ଦ୍ରବ୍ୟ ଯୋଗାଇବା ଏବଂ ଦାମ କମିଲେ କମ୍ ଦ୍ରବ୍ୟ ଯୋଗାଇବ । ଦାମ ଏବଂ ଯୋଗାଣ ପରିମାଣର ସିଧାସଳଖ ସଂପର୍କ କାରଣରୁ ଯୋଗାଣ ରେଖା ଉପରକୁ ଗତି କରିଥାଏ ବା ତାର ଉର୍ଦ୍ଧ୍ୱଗତି ହୋଇଥାଏ । ଏହାର ଅର୍ଥ ଯୋଗାଣ ରେଖା ଯାହାଏହି ଅଙ୍କନରେ ସିଧାରେଖା ପରି ଲାଗୁଛି, ମୂଳରୁ ଆରମ୍ଭ ହୋଇ ତାପରେ ଉର୍ଦ୍ଧ୍ୱକୁ ଡାହାଣ ଦିଗରେ ଗତି କରୁଛି । ବର୍ତ୍ତମାନ ତେବେ ପ୍ରଶ୍ନ ଉଠୁଛି କାହିଁକି ଗୋଟିଏ ଉତ୍ପାଦନ ସଂସ୍ଥା ଅଧିକା ଦାମ ହେଲେ ଅଧିକା ଦ୍ରବ୍ୟ ଯୋଗାଣ କରୁଛି ଏବଂ କମ୍ ଯୋଗାଉଛି ଦାମ କମିଲେ । କାହିଁକି ଯୋଗାଣ ରେଖାର ଉପରକୁ ଗତି କରେ ବା ଉର୍ଦ୍ଧ୍ୱଗତି କରେ । ନିମ୍ନ ଲିଖିତ କାରଣ ଗୁଡ଼ିକ ଏହି ଉର୍ଦ୍ଧ୍ୱଗତି ପାଇଁ ଦାୟୀ:

**(କ)** ଦ୍ରବ୍ୟର ଦାମ ବଢ଼ିଲେ, ଏହାର ଲାଭ ବୃଦ୍ଧିରେ କାରଣ ହୁଏ । ଏଣୁ ସଂସ୍ଥାଗୁଡ଼ିକ ପ୍ରୋତ୍ସାହିତ ହୁଅନ୍ତି ଅଧିକା ପରିମାଣର ଦ୍ରବ୍ୟ ଯୋଗାଇବା ପାଇଁ ନିଜର ଲାଭ ବଢ଼ାଇବା ପାଇଁ ।

(ଖ) ଜିନିଷର ବା ଦ୍ରବ୍ୟର ଦାମ୍ ବଢ଼ିଲେ ବିକ୍ରେତା ନିଜ ଗଚ୍ଛିତ ଭଣ୍ଡାରରୁ ଅନ୍ତତଃ କିଛିଟା ଛାଡ଼ିଦେବା ପାଇଁ ଉତ୍ସୁକ ହୁଏ । ଏହାର ଠିକ୍ ବିପରୀତ ଘଟେ ଯେତେବେଳେ ଦାମ କମିଯାଏ ।

(ଗ) ଦାମ ବୃଦ୍ଧିପାଇଲେ ଦ୍ରବ୍ୟର ଲାଭ ବୃଦ୍ଧିପାଏ ଯାହା ଫଳରେ ନୂଆ ନୂଆ ଉତ୍ପାଦନ ସଂସ୍ଥା ମାନେ ବଜାରରେ ପ୍ରବେଶ କରନ୍ତି ଏବଂ ଏହାହିଁ ଅଧିକା ଯୋଗାଣର କାରଣ ହୁଏ । ଏଣୁ ଅଧିକା ଦାମରେ ଅଧିକା ପରିମାଣର ଯୋଗାଣ ହୁଏ ।

## ପାଠଗତ ପ୍ରଶ୍ନ ୧୦.୨

୧. ତଳେ ଦିଆଯାଇଥିବା ତଥ୍ୟ ଆଧାରରେ ଯୋଗାଣରେଖାଟିଏ ଅଙ୍କନକର ।

| | | | | | |
|---|---|---|---|---|---|
| ଦାମ (ପ୍ରତିଟି ଟଙ୍କାରେ) | ୧ | ୨ | ୩ | ୪ | ୫ |
| ଯୋଗାଣ ପରିମାଣ(ସଂଖ୍ୟାରେ) | ୫୦ | ୧୦୦ | ୧୫୦ | ୨୦୦ | ୨୫୦ |

୨. ଯୋଗାଣ ରେଖାଟିଏ ଅଙ୍କନ କର ୧୦.୧ ସାରଣୀକୁ ନେଇ ।

## ୧୦.୮ ଦ୍ରବ୍ୟର ବଜାର ଯୋଗାଣ

ଏକ୍ ଏକମାତ୍ର ଫାର୍ମ ନୁହେଁ ଯିଏ ବଜରରେ ଚିନି ଯୋଗଣ କରୁଛି ଆଉକେତେକ ସଂସ୍ଥା ଅଛନ୍ତି ଯେଉଁମାନେ ବଜାରକୁ ଚିନି ଯେଗାନ୍ତି । ମୋଟ କେତେ ଚିନି ବିଭିନ୍ନ ଫାର୍ମ ବା ସଂସ୍ଥାଦ୍ୱାରା ବଜାରକୁ ଯୋଗାଇ ଦିଆଯାଛି ତାହା ଜାଣିବା ପାଇଁ ଆମେ ପ୍ରତିଟି ଫାର୍ମର ଯୋଗାଣକୁ ଏକ ନିର୍ଦ୍ଦିଷ୍ଟ ଅବଧି ଓ ନିର୍ଦ୍ଦିଷ୍ଟ ଦାମକୁ ନେଇ ମିଶାଇଲେ ଆମେ ପାଇପାରିବା ଏ ସମସ୍ତ ସମ୍ମିଶ୍ରଣ ବା ସମଷ୍ଟିକୁ ଚିନିର ବଜାର ଯୋଗାଣ କୁହାଯିବ ।

ଅତଏବ ସମୁଦାୟ ଦ୍ରବ୍ୟର ପରିମାଣ ଯାହା ସମସ୍ତ ସଂସ୍ଥାଦ୍ୱାରା ବଜାରକୁ ଯୋଗାଇ ଦିଆଯାଇଛି ଏକ ନିର୍ଦ୍ଦିଷ୍ଟ ଦାମରେ ଓ ଅବଧିରେ ତାକୁ ସେ ଦ୍ରବ୍ୟର ବଜାର ଯୋଗାଣ ବୋଲି କୁହାଯିବ ।

**ଉଦାହରଣ:**

ଧରିନିଆଯାଉ କ,ଖ, ଓ ଗ ଫାର୍ମ ବଜାରକୁ ଚିନି ଯୋଗାନ୍ତି କୁଇଣ୍ଟାଲ ପ୍ରତି ୨୮୦୦ଟଙ୍କା ଦାମ୍‌ରେ କ, ଖ, ଓ ଗ ଯଥାକ୍ରମେ ୮, ୧୦ ଓ ୧୫ କୁଇଣ୍ଟାଲ ଚିନି ଦିନକୁ ଯୋଗାଇଲେ । ଏ ସବୁକୁ ମିଶାଇଲେ ଆମେ ୩୩କୁଇଣ୍ଟାଲ ପାଇବା । ତାର ଅର୍ଥ ବଜାର ଯୋଗାଣ ୩୩କୁଇଣ୍ଟାଲ ଦିନକୁ ୨୮୦୦ ଟଙ୍କାରେ କୁଇଣ୍ଟାଲ ପ୍ରତି ।

## ୧୦.୯ ବଜାର ଯୋଗାଣ ସୂଚୀ ଏକ ଦ୍ରବ୍ୟର

ଗୋଟିଏ ବ୍ୟକ୍ତିଗତ ଯୋଗାଣ ସୂଚୀ ପରି କୌଣସି ଏକ ଦ୍ରବ୍ୟର ବଜାର ସୂଚୀ ହେଉଛି ବିଭିନ୍ନ ସଂସ୍ଥାମାନେ ଭିନ୍ନ ଭିନ୍ନ ଦାମରେ କେତେ ପରିମାଣ ଦ୍ରବ୍ୟ ଯୋଗାଇଛନ୍ତି । ଆମେ ଏକକ ଯୋଗାଣ ସୂଚୀରେ ଦେଖିଛେ ଯେ ଦାମ ବଢ଼ିଲେ ଯୋଗାଣ ବଢୁଛି ଓ ଦାମ୍ କମିଲେ ଯୋଗଣ କମୁଛି ଯୋଗାଣ ସୂତ୍ର ନିୟମ ଅନୁଯାୟୀ । ସେହିପରି ଅନ୍ୟାନ୍ୟ ସଂସ୍ଥାମାନେ ଏଇ ନିୟମରେ ବଶବର୍ତ୍ତୀ ଏବଂ ଏଇ ଆଧାରରେ ସେମାନେ ଯୋଗାଣ ବୃଦ୍ଧିକରନ୍ତି ଅବା ହ୍ରାସ କରନ୍ତି । ଏଇ ନିୟମ ଅନ୍ତର୍ଗତରେ ବିଭିନ୍ନ ପରିମାଣ, ଭିନ୍ନଭିନ୍ନ ଦାମରେ ସବୁ ସଂସ୍ଥା ବା ବିକ୍ରେତା ଦ୍ୱାରା ଯୋଗାଇ ଦିଆଯଇଥାଏ ବଜାରରେ ।

ବର୍ତ୍ତମାନ ଆମେ ବଜାର ଯୋଗାଣକୁ ଏକ ବଜାର ସୂଚୀରେ ପରିଣତ କରବା ଯାହା ସାରଣୀ ୧୦.୩ରେ ଦର୍ଶାଯାଇଛି ।

**ସାରଣୀ ୧୦.୩ ଚିନିର ବଜାର ଯୋଗାଣ ସୂଚୀ**

| କୁଇଣ୍ଟାଲ ପ୍ରତି ଦାମ୍ | ଦିନପ୍ରତି ଚିନିର ପରିମାଣ (କୁଇଣ୍ଟାଲରେ) | | | ଚିନିର ବଜାର ଯୋଗାଣ କୁଇଣ୍ଟାଲରେ |
|---|---|---|---|---|
| | କ ସଂସ୍ଥା | ଖ ସଂସ୍ଥା | ଗ ସଂସ୍ଥା | |
| ୨୮୦୦ | ୮ | ୧୦ | ୧୫ | ୩୩ |
| ୨୯୦୦ | ୯ | ୧୧ | ୧୬ | ୩୬ |
| ୩୦୦୦ | ୧୦ | ୧୨ | ୧୭ | ୩୯ |
| ୩୧୦୦ | ୧୨ | ୧୪ | ୨୦ | ୪୬ |
| ୩୨୦୦ | ୧୫ | ୧୭ | ୨୫ | ୫୭ |

ଆମେ ସାରଣୀ ୧୦.୩ ଦେଖିଲେ ଯେ ଯେତେବେଳେ ଚିନିର ଦାମ୍ କୁଇଣ୍ଟାଲ ପ୍ରତି ୨୮୦୦ଟଙ୍କା କ ୮, ଖ ୧୦, ଓ ଗ ୧୫ କୁଇଣ୍ଟାଲ ଦିନକୁ ଯୋଗାଉଛନ୍ତି । ତାହେଲେ ୨୮୦୦ ଟଙ୍କା କୁଇଣ୍ଟାଲରେ ବଜାର ଯୋଗାଣ ଦିନକୁ ୩୩ କୁଇଣ୍ଟାଲ । ଯେତେବେଳେ ଦାମ୍ ୨୯୦୦କୁ ବଢୁଛି ସେତେବେଳେ କ, ଖ, ଓ ଗ ଦ୍ୱାରା ଯଥାକ୍ରମେ ୯, ୧୧ ଓ ୧୬ କୁଇଣ୍ଟାଲ ଯୋଗାଣ ହେଉଛି ଅର୍ଥ ୩୬ କୁଇଣ୍ଟାଲ । ଏଣୁ ୨୯୦୦ ଟଙ୍କାରେ ଚିନିର ବଜାର ଯୋଗାଣ ୩୬ କୁଇଣ୍ଟାଲ । ଏହିପରି ଭାବରେ ଆମେ ୩୦୦୦, ୩୧୦୦, ୩୨୦୦ ଦାମରେ ବଜାର ଯୋଗାଣ ଦେଖି ପାରିବା ।

## ପାଠଗତ ପ୍ରଶ୍ନ ୧୦.୩

୧. ଯଦି କ, ଖ ଓ ଗ ନାମରେ କେବଳ ତିନୋଟି ଫାର୍ମ ବଜାରକୁ ଦ୍ରବ୍ୟ ଯୋଗାଉଛନ୍ତି ତେବେ ବଜାର ଯୋଗାଣ କେତେ । ସେ ପଦାର୍ଥର ଯୋଗାଣ ସ୍ଥିର କର, ସେମାନଙ୍କ ଯୋଗାଣ ସୂଚୀକୁ ନେଇ ।

| ଦାମ (ଟଙ୍କାରେ) | ଯୋଗାଣ ପରିମାଣ (କି.ଗ୍ରା.ରେ) | | | ବଜାର ଯୋଗାଣ (କି.ଗ୍ରା.ରେ) |
|---|---|---|---|---|
| | କ ସଂସ୍ଥା | ଖ ସଂସ୍ଥା | ଗ ସଂସ୍ଥା | |
| ୧୦୦ | ୧୦୦୦ | ୧୫୦୦ | ୨୦୦୦ | --- |
| ୨୦୦ | ୨୦୦୦ | ୨୦୦୦ | ୩୦୦୦ | --- |
| ୩୦୦ | ୩୦୦୦ | ୨୫୦୦ | ୪୦୦୦ | --- |
| ୪୦୦ | ୪୦୦୦ | ୩୦୦୦ | ୫୦୦୦ | --- |
| ୫୦୦ | ୫୦୦୦ | ୩୫୦୦ | ୬୦୦୦ | --- |

୨. ନିମ୍ନଲିଖିତ ସାରଣୀ ପୂରଣ ର ବଜାରରେ ତିନୋଟି ବ୍ୟବସାୟ ପ୍ରତିଷ୍ଠାନ କ, ଖ, ଓ ଗ ଅଛି ବୋଲି ଭାବିନେଇ ।

| ଦାମ (ଟଙ୍କାରେ ପ୍ରତିଟି ଏକକ) | ଯୋଗାଣ ପରିମାଣ (ଏକକରେ) | | | ବଜାର ଯୋଗାଣ (ଏକକରେ) |
|---|---|---|---|---|
| | କ ସଂସ୍ଥା | ଖ ସଂସ୍ଥା | ଗ ସଂସ୍ଥା | |
| ୧୦ | ୧୫୦ | --- | ୨୦୦ | ୬୫୦ |
| ୧୧ | ୨୦୦ | --- | ୩୦୦ | ୧୦୦୦ |
| ୧୨ | ୨୫୦ | --- | ୪୦୦ | ୧୩୫୦ |
| ୧୩ | ୩୦୦ | --- | ୫୦୦ | ୧୭୦୦ |
| ୧୪ | ୩୫୦ | --- | ୬୦୦ | ୨୦୫୦ |

## ୧୦.୧୦ ବଜାର ଯୋଗାଣକୁ ନିୟନ୍ତ୍ରଣ କରୁଥିବା ଉପାଦାନ

ଦ୍ରବ୍ୟର ବ୍ୟକ୍ତିଗତ ଯୋଗାଣ ଅନେକ ଉପାଦାନ ଦ୍ୱାରା ପ୍ରଭାବିତ ଓ ଏହା ବଜାର ଯୋଗାଣକୁ ପ୍ରଭାବିତ କରେ । ଏସବୁ କାରଣ ବାହାରେ କୌଣସି ଦ୍ରବ୍ୟର ବଜାର ଯୋଗାଣ ନିମ୍ନଲିଖିତ ଦୁଇଟି କାରଣ ଦ୍ୱାରା ପ୍ରଭାବିତ ।

କ) ବିକ୍ରେତା ବା ପ୍ରତିଷ୍ଠାନର ସଂଖ୍ୟା

ଖ) ଭବିଷ୍ୟତ ଦାମର ପ୍ରତ୍ୟାଶା

**କ) ବିକ୍ରେତାଙ୍କ ବା ପ୍ରତିଷ୍ଠାନର ସଂଖ୍ୟା:** ବଜାର ଯୋଗାଣ ସମସ୍ତ ବ୍ୟକ୍ତିଗତ ଯୋଗାଣ ସୂଚୀର ସମଷ୍ଟି ଅଟେ । ସାରଣୀ ୧୦.୨ ରେ ଚିନିର ବଜାର ଯୋଗାଣକୁ ବିଚାରକୁ ନିଆଯାଉ । ତିନୋଟି ଫାର୍ମ କ, ଖ, ଓ ଗ ବଜାରକୁ ଚିନିଯୋଗାଣ କରନ୍ତି । ଧରନ୍ତୁ ଆଉ ଗୋଟିଏ ପ୍ରତିଷ୍ଠାନ (ଫାର୍ମ) ଘ ଆସିଲା ଏବଂ ଚିନି ଯୋଗାଇବା ଆରମ୍ଭ କଲା, ତେବେ ବଜାର ଯୋଗାଣ ରେ କ'ଣ ପ୍ରଭାବ ପଡ଼ିବ । ଚିନିର ବଜାର ଯୋଗାଣ ବୃଦ୍ଧିପାଇବ । ଅତଏବ ଏହା ସରଳ ଓ ପରିଷ୍କାର ଯେ ଯଦି ଫାର୍ମ ସଂଖ୍ୟା ବୃଦ୍ଧି ପାଇବ ବଜାର ଯୋଗଣ ବୃଦ୍ଧିପାଇବ । ଅନ୍ୟପଟେ ଯଦି ଫାର୍ମ ସଂଖ୍ୟା ହ୍ରାସ ପାଇଲେ ଯୋଗାଣ କମିବ ।

**ଖ) ଭବିଷ୍ୟତ ଦାମ୍‌ର ପ୍ରତ୍ୟାଶା:** ଯଦି ନିକଟ ଭବିଷ୍ୟତରେ ଦାମ୍ ବୃଦ୍ଧିପାଇବାର ସମ୍ଭାବନା ଦେଖା ଯାଏ, ତେବେ ଫାର୍ମ, ବର୍ତ୍ତମାନ ପାଇଁ ଯୋଗାଣ କମ କରିଦେବେ । ଏଇଥିପାଇଁ ଯେ ଭବିଷ୍ୟତରେ ଦାମ୍ ବୃଦ୍ଧିହେବ ଏବଂ ଲାଭ ବୃଦ୍ଧିପାଇବ । କିନ୍ତୁ ଯଦି ଦାମ୍ କମିବାର ସମ୍ଭାବନା ଦେଖାଦେବ ତେବେ ଫାର୍ମ ଅଧିକା ଦ୍ରବ୍ୟ ବଜାରକୁ ବର୍ତ୍ତମାନ ପାଇଁ ଯୋଗାଣ କରିବେ, ଏଇଆ ଆଶଙ୍କା କରିଯେ ଦାମ୍ କମିଲେ ଭବିଷ୍ୟତରେ ଲାଭ କମିଯିବ ।

## ପାଠଗତ ପ୍ରଶ୍ନ ୧୦.୪

୧. ଉପଯୁକ୍ତ ଶବ୍ଦ ସହ ଶୂନ୍ୟ ସ୍ଥାନ ପୂରଣ କର ।

କ) କୌଣସି ବସ୍ତୁର ଯୋଗାଣ ...... ଯେତେବେଳ ତାର ଦାମ୍ ବୃଦ୍ଧିପାଏ ।

ଖ) ଲାଭ ବଢ଼ାଇବାକୁ ଚାହୁଁଥିବା ଏକ ଫାର୍ମ ଯୋଗାଇବ ...... ପରିମାଣର ଦ୍ରବ୍ୟ ଅଧିକା ଦାମରେ ।

ଗ) ଗୋଟିଏ ଫାର୍ମ ଯଦି ଦୁଇ ପ୍ରକାରର ଦ୍ରବ୍ୟ ପ୍ରସ୍ତୁତକରେ କ ଓ ଖ ଏକ ନିର୍ଦ୍ଦିଷ୍ଟ ସମ୍ବଳରେ ଏବଂ ଖ ର ଦାମ୍ ହ୍ରାସ ପାଇଲେ କ ର ଯୋଗାଣ ................. ?

ଘ) ମଜୁରୀ ହାର ହ୍ରାସ ପାଇଲେ ପରିଣତି ସ୍ୱରୂପ .................. ଦ୍ରବ୍ୟର ଯୋଗାଣ ।

ଙ) ଟି.ଭି. ସେଟ୍ ଉତ୍ପାଦନରେ ଉତ୍ପାଦନ ଶୁଳ୍କ ବୃଦ୍ଧିପାଇଲେ, ଟିଭି ସେଟ୍ ଯୋଗାଣ ...... ।

୨. ଦ୍ରବ୍ୟଯୋଗାଣରେ କି ପରିବର୍ତ୍ତନ ଆସିବ ? ଯେତେବେଳେ -

କ) ଦ୍ରବ୍ୟ ଉତ୍ପାଦନ ପାଇଁ ଆବଶ୍ୟକ କଞ୍ଚାମାଲର ଦାମ୍ ବୃଦ୍ଧି ପାଇଲେ ।

ଖ) ଦ୍ରବ୍ୟ ଯୋଗାଣ ପାଇଁ ଏକ ନୂଆ ଫାର୍ମ ଉପସ୍ଥିତ ହେଲେ ବା ଆବିର୍ଭାବ ହେଲେ ।

ଗ) ବୈଷୟିକ ଜ୍ଞାନ ଉନ୍ନତ ହେଲେ ।

୩. ଯଦି ଷ୍ଟେନ୍‌ଲେସ୍ ଷ୍ଟିଲର ଦାମ୍ ହ୍ରାସ ପାଇବ ତେବେ ଷ୍ଟେନ୍‌ଲେସ୍ ଷ୍ଟିଲ ବାସନ ଯୋଗାଣରେ କି ପରିବର୍ତ୍ତନ ଆସିବ ?

## ତୁମେ କ'ଣ ଶିଖିଲ

- କୌଣସି ଦ୍ରବ୍ୟର ଯୋଗାଣ କହିଲେ, ଏକ ନିର୍ଦ୍ଦିଷ୍ଟ ସମୟ ଓ ଦାମରେ ବିକ୍ରେତା / ଫାର୍ମ କେତେ ପରିମାଣର ଦ୍ରବ୍ୟ ଯୋଗାଇବା ପାଇଁ ଇଚ୍ଛୁକ ଥିବାକୁ ବୁଝାଏ ।
- ଏକ ନିର୍ଦ୍ଦିଷ୍ଟ ସମୟରେ ବିକ୍ରେତା ବା ଫାର୍ମ ନିକଟରେ ଥିବା ଉପଲବ୍ଧ ସମୁଦାୟ ପରିମାଣର ଜିନିଷକୁ ଷ୍ଟକ ବା ଭଣ୍ଡାର ବା ଗଚ୍ଛିତ ଦ୍ରବ୍ୟ କୁହାଯାଏ ।
- ବ୍ୟକ୍ତିଗତ ଯୋଗାଣ ସୂଚୀ, ଏକ ନିର୍ଦ୍ଦିଷ୍ଟ ଫାର୍ମ ଭିନ୍ନ ଭିନ୍ନ ଦାମରେ କେତେ ପରିମାଣର ଦ୍ରବ୍ୟ ଯୋଗାଇବାକୁ ଇଚ୍ଛୁକ ତାକୁ ବୁଝାଏ । ଏହି ଯୋଗାଣ ରେଖା, ବ୍ୟକ୍ତିଗତ ଯୋଗାଣ ସୂଚୀରୁ ଆନୀତ ।
- ବଜାର ଯୋଗାଣ କହିଲେ, ଏକ ନିର୍ଦ୍ଦିଷ୍ଟ ଦାମ ଓ ସମୟରେ ବିକ୍ରୟପାଇଁ ଇଚ୍ଛୁକ ଥିବା ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ଦ୍ୱାରା ଯୋଗାଯାଉଥିବା ମୋଟ ପରିମାଣକୁ ବୁଝାଏ ।
- ବ୍ୟକ୍ତିଗତ ଯୋଗାଣର ନିୟନ୍ତ୍ରକ ମାନେ ହେଉଛନ୍ତି, ଦ୍ରବ୍ୟର ଦାମ୍, ଅନ୍ୟାନ୍ୟ ସଂପର୍କିତ ଦ୍ରବ୍ୟର ଦାମ୍, ଉତ୍ପାଦନର ବୈଷୟିକ କୌଶଳର ପରିବର୍ତ୍ତନ, କଞ୍ଚାମାଲର ଦାମରେ ପରିବର୍ତ୍ତନ, ସରକାରୀ ନୀତି ଓ ଫାର୍ମର ଲକ୍ଷ୍ୟ ବା ଉଦ୍ଦେଶ୍ୟ ।
- ବଜାର ଯୋଗାଣର ନିୟନ୍ତ୍ରକ ମାନେ ହେଉଛନ୍ତି, ପ୍ରତିଷ୍ଠାନ / ଫାର୍ମର ସଂଖ୍ୟା, ସମ୍ଭାବ୍ୟ ଭବିଷ୍ୟତ ଦାମ୍ ଉପରନ୍ତୁ ବ୍ୟକ୍ତିଗତ ଯୋଗାଣର ନିୟନ୍ତ୍ରକ ସବୁ ଅଟନ୍ତି ।
- ଯୋଗାଣ ନିୟମ ବା ସୂତ୍ର ଏହା କହେଯେ, ଯୋଗାଣର ଅନ୍ୟାନ୍ୟ ସର୍ତ୍ତ ଗୁଡ଼ିକ ସ୍ଥିର ରହି, କୌଣସି ବସ୍ତୁର ଦାମ ଓ ତାର ଯୋଗାଣ ସିଧାସଳଖ ସଂପର୍କିତ ।
- ଯେଗାଣ ରେଖା, ଯୋଗାଣ ସୂତ୍ରର ଏକ ରେଖାଙ୍କନ ପ୍ରତିଫଳନ ।
- କୌଣସି ଦ୍ରବ୍ୟର ଯୋଗଣ ରେଖା ଉର୍ଦ୍ଧ୍ୱଗାମୀ ଭାବେଉପରକୁ ଗତିକରେ ଯୋଗାଣ ସୂତ୍ର ଅନୁଯାୟୀ ।

## ଅନ୍ତିମ ପ୍ରଶ୍ନାବଳୀ

୧. ଯୋଗାଣର ସଂଜ୍ଞା ନିରୁପଣ କର । ବ୍ୟକ୍ତିଗତ ଯୋଗାଣ ଓ ବଜାର ଯୋଗାଣ ମଧ୍ୟରେ ଥିବା ତାରତମ୍ୟ ଦର୍ଶାଅ ।
୨. କୌଣସି ଦ୍ରବ୍ୟର ବ୍ୟକ୍ତିଗତ ଯୋଗାଣ ସୂଚୀକୁ ପ୍ରଭାବିତ କରୁଥିବା କାରଣ ଗୁଡ଼ିକ କ'ଣ ?
୩. କୌଣସି ଦ୍ରବ୍ୟର ବଜାର ଯେଗାଣର ତିନୋଟି ନିୟନ୍ତ୍ରକଙ୍କୁ ସଂକ୍ଷେପରେ ବୁଝାଇ ଲେଖ ।
୪. ଯୋଗାଣ ଓ ଭଣ୍ଡାର ଦ୍ରବ୍ୟ ମଧ୍ୟରେ ଥିବା ତାରତମ୍ୟ ଉପଯୁକ୍ତ ଉଦାହରଣ ଦେଇ ଲେଖ ।
୫. ଯୋଗାଣ ସୂତ୍ରକୁ ଉପଯୁକ୍ତ ସାଂଖ୍ୟିକ ଉଦାହରଣ ଦେଇ ବୁଝାଇ ଲେଖ ।
୬. ଯୋଗାଣ ରେଖା କ'ଣ ? ବ୍ୟକ୍ତିଗତ ଯୋଗାଣ ରେଖା, ଏକ କଳ୍ପନା ପ୍ରସୁତ ଯୋଗାଣ ସୂଚୀ ନେଇ ଅଙ୍କନ କର ।
୭. ଯୋଗାଣ ରେଖା ଉପରକୁ ବକ୍ର ବା ଉର୍ଦ୍ଧ୍ୱମୁଖ କାହିଁକି ?
୮. ଯେଗାଣ ସୂତ୍ର ପଛନରେ ଥିବା କାରଣ ଗୁଡ଼ିକ ଦର୍ଶାଅ ।

## ପାଠଗତ ପ୍ରଶ୍ନର ଉତ୍ତର

### ୧୦.୧

୧. ଯୋଗାଣ ହେଉଛି ଯେଉଁ ପରିମାଣର ଦ୍ରବ୍ୟ ଜଣେ ବିକ୍ରେତା ଏକ ନିର୍ଦ୍ଦିଷ୍ଟ ସମୟ ଓ ଦରରେ ବଜାରକୁ ଯୋଗାଣ କରିବାକୁ ଇଚ୍ଛୁକ ଥାଆନ୍ତି ।

୨. ଦ୍ରବ୍ୟର ଦାମ୍, ଯୋଗାଣ ପରିମାଣ, ଏବଂ ସମୟ ଅବଧି ।

୩. ଏକ ନିର୍ଦ୍ଦିଷ୍ଟ ସମୟରେ ଏକ ବ୍ୟବସାୟ ପ୍ରତିଷ୍ଠାନ ନିକଟରେ ଉପଲବ୍ଧ ଥିବା ମୋଟ ପରିମାଣର ଦ୍ରବ୍ୟକୁ ଷ୍ଟକ୍ ବା ଭଣ୍ଡାର କୁହାଯାଏ ।

ଏକ ନିର୍ଦ୍ଦିଷ୍ଟ ସମୟରେ ଭିନ୍ନ ଭିନ୍ନ ଦାମ୍‌ରେ ଜଣେ ବିକ୍ରେତା ଗଚ୍ଛିତ ଦ୍ରବ୍ୟ/ଷ୍ଟକର ଯେଉଁ ଅଂଶ ବିକ୍ରୟ ପାଇଁ ଇଚ୍ଛୁକ ଥାନ୍ତି ତାକୁ ଯୋଗାଣ କୁହାଯାଏ ।

### ୧୦.୩

୧. ୪୫୦୦, ୭୦୦୦, ୯୫୦୦, ୧୨୦୦୦, ୧୪୫୦୦

୨. ୩୦୦, ୫୦୦, ୭୦୦, ୯୦୦, ୧୧୦୦

### ୧୦.୪

୧. କ) ବୃଦ୍ଧିପାଏ

ଖ) ଅଧିକା

ଗ) ବୃଦ୍ଧି

ଘ) ବୃଦ୍ଧି

ଙ) ହ୍ରାସ ହେବା

୨. କ) ଦ୍ରବ୍ୟର ଯୋଗାଣ ହ୍ରାସପାଇବ

ଖ) ଦ୍ରବ୍ୟର ଯୋଗାଣ ବୃଦ୍ଧିପାଇବ

ଗ) ଦ୍ରବ୍ୟର ଯୋଗାଣ ବୃଦ୍ଧିପାଇବ

୩. ଷ୍ଟେନ୍‌ଲେସ୍ ଷ୍ଟିଲ ବାସନ ଯୋଗାଣ ବୃଦ୍ଧିପାଇବ

# ୧୧

# ଦର ଓ ପରିମାଣ ନିର୍ଦ୍ଧାରଣ

ପୂର୍ବରୁ ନବମ ଅଧ୍ୟାୟରେ ଆମ୍ଭେ ପଢ଼ିଲୁ ଦର କିପରି ଦ୍ରବ୍ୟର ଚାହିଦାକୁ ପ୍ରଭାବିତ କରେ । ସେହିପରି ଦଶମ ଅଧ୍ୟାୟରେ ଆମେ ପଢ଼ିଥିଲୁ ଦର କିପରି ଦ୍ରବ୍ୟର ଯୋଗାଣକୁ ପ୍ରଭାବିତ କରେ । ବାସ୍ତବିକ ଉଭୟ ଦ୍ରବ୍ୟର ଚାହିଦା ଓ ଦ୍ରବ୍ୟର ଯୋଗାଣ ଦର ଦ୍ୱାରା ପ୍ରଭାବିତ ହୋଇଥାଏ । କିନ୍ତୁ ଏଥିରୁ ସ୍ପଷ୍ଟ ହେଉଛି ଯେ ଉଭୟ ଦ୍ରବ୍ୟର ଚାହିଦା ଓ ଯୋଗାଣ ଦରଦ୍ୱାରା ପ୍ରଭାବିତ ହୋଇଥାନ୍ତି । କିନ୍ତୁ ଏଠାରେ ପ୍ରଶ୍ନ ଉଠୁଛି ଯେ, ବଜାରରେ ଦ୍ରବ୍ୟର ଦର କିପରି ନିର୍ଦ୍ଧାରିତ ହୁଏ ? କେଉଁ ଉପାଦାନ ଦରକୁ ପ୍ରଭାବିତ କରାଏ ? ଚାହିଦା ଓ ଯୋଗଣର ପରିବର୍ତ୍ତନ କିପରି ଦରକୁ ପ୍ରଭାବିତ କରେ, ତାହା ଏହି ଅଧ୍ୟାୟରେ ବିଷୟବସ୍ତୁ ଅଟେ ।

## ଆଭିମୂଖ୍ୟ

ଏହି ଅଧ୍ୟାୟ ପାଠ କରି ସାରିବା ପରେ, ତୁମେ ବୁଝିପାରିବ-

- ଦର କିପରି ନିର୍ଦ୍ଧାରଣ କ'ଣ ?
- ଚାହିଦା ଓ ଯୋଗାଣ ସୂଚୀ ମାଧ୍ୟମରେ ଦର ନିର୍ଦ୍ଧାରଣ
- ବୁଝିପାରିବ ସୂଚୀ ଦ୍ୱାରା ସନ୍ତୁଳନ ସ୍ତର
- ବୁଝିପାରିବ ଚାହିଦା ଓ ଯୋଗାଣର ପରିବର୍ତ୍ତନ ଦ୍ରବ୍ୟର ଦର ଉପରେ ପ୍ରଭାବ

## ୧୧.୧ ଦର ର ଅର୍ଥ

ଯେତେବେଳେ ଜଣେ ବିକ୍ରେତା ଗୋଟିଏ ଦ୍ରବ୍ୟ ବିକ୍ରୟକରେ ସେ ତାର ବିନିମୟରେ ମୁଦ୍ରା ପାଇଥାଏ । କ୍ରେତା ବିକ୍ରେତାଙ୍କୁ ତାଙ୍କ ଦ୍ରବ୍ୟ କିମ୍ବା ସେବା ବିନିମୟରେ ମୁଦ୍ରା ପ୍ରଦାନ କରେ । କ୍ରେତା ଗୋଟିଏ ଦ୍ରବ୍ୟ କିମ୍ବା ସେବା ପାଇଁ ଯେଉଁ ଅର୍ଥ ଦିଏ ତାହାକୁ ଦ୍ରବ୍ୟର କିମ୍ବା ସେବାର ଦର କୁହାଯାଏ । ଉଦାହରଣ ସ୍ୱରୂପ, ଜଣେ କ୍ରେତା ଗୋଟିଏ ଲିଟର ସୁଦ୍ଧ କ୍ଷୀର ପାଇଁ ଯଦି ଟ. ୩୬.୦୦ ଦିଏ ତେବେ ସେହି ସୁଦ୍ଧ କ୍ଷୀରର ଦାମ୍ ଲିଟର ପ୍ରତି ଟ.୩୬/- ଅଟେ ।

ସାଧାରଣତଃ, ଜଣେ ବିକ୍ରେତାଙ୍କ ପ୍ରଧାନ ଲକ୍ଷ୍ୟ ହେଉଛି ଲାଭ ଅର୍ଜନ କରିବା, ଲାଭ ହେଉଛି ମୋଟ ଆୟ ଓ ମୋଟ ପରିବେୟର ବିୟୋଗ ଫଳ । ଗୋଟିଏ ଉତ୍ପାଦନ ପ୍ରତିଷ୍ଠାନ ତାର ସମସ୍ତ ଉତ୍ପାଦିତ ଦ୍ରବ୍ୟ ବଜାରରେ ବିକ୍ରୟ କରି ଯେଉଁ ଆୟ ଅର୍ଜନ କରିଥାନ୍ତି, ତାହାକୁ ମୋଟ ଆୟ କୁହାଯାଏ । ଜଣେ ବିକ୍ରେତା ବା ପ୍ରତିଷ୍ଠାନ ତାଙ୍କର ସମସ୍ତ ଦ୍ରବ୍ୟ ଉତ୍ପାଦନ ନିମିତ୍ତ ଯେଉଁ ଖର୍ଚ୍ଚ ବହନ କରିଥାନ୍ତି ତାହାକୁ ମୋଟ ପରିବେୟ କୁହାଯାଏ ।

ଜଣେ ବିକ୍ରେତା ନିଜର ଦ୍ରବ୍ୟ ଯୋଗାଣ କରି ଦ୍ରବ୍ୟର ଦର ସ୍ଥିର କରନ୍ତି । ଦ୍ରବ୍ୟର ବଜାର ଦର କହିଲେ ଯେଉଁ ଦରରେ ବଜାରରେ ଦ୍ରବ୍ୟ ବିକ୍ରୟ ହୋଇଥାଏ । ବଜାରରେ ଦର ସ୍ଥିର କରିବା ସମୟରେ ବିକ୍ରେତା ତାଙ୍କର ସର୍ବୋଚ୍ଚ ଲାଭ ବ୍ୟତିତ ଅନେକ  ଉପାଦାନ ଗୁଡ଼ିକୁ ନଜର ରଖେ । ସେଥି ମଧ୍ୟରୁ କେତେକ ଉପାଦାନ ଗୁଡ଼ିକ ଦର ସ୍ଥିର କରିବା ସମୟରେ ପ୍ରଭାବିତ କରାଏ । ସେହିଗୁଡ଼ିକ ନିମ୍ନରେ ପ୍ରଦତ୍ତ କରାଗଲା ।

କ) **ଉତ୍ପାଦାନର ପରିବେୟ:** ଜଣେ ବିକ୍ରେତା ବଜାରରେ ଦର ସ୍ଥିରକଲାବେଳେ ଏକକ ପ୍ରତି ଉତ୍ପାଦନ ଖର୍ଚ୍ଚଠାରୁ ଅଧିକରେ ଦର ନିର୍ଦ୍ଧାରଣ କରନ୍ତି । ଦ୍ରବ୍ୟର ଏକକ ପ୍ରତି ଉତ୍ପାଦନ ଖର୍ଚ୍ଚ ଓ ଦରର ପ୍ରଭେଦ ହେଉଛି ଦ୍ରବ୍ୟର ଏକକ ପ୍ରତି ଲାଭ । ତେଣୁ ଦ୍ରବ୍ୟର ଏକକ ପ୍ରତି ଉତ୍ପାଦନ ଖର୍ଚ୍ଚ ଓ ଦ୍ରବ୍ୟର ଏକକ ପ୍ରତି ଦରର ପ୍ରଭେଦ ଯେତେ ଅଧିକ ହେବ, ତେବେ ସୀମାନ୍ତ ଲାଭ ସେତେ ଅଧିକ ହେବ । ଏଣୁ ଦ୍ରବ୍ୟର ଏକକ ପ୍ରତି ଉତ୍ପାଦନ ଖର୍ଚ୍ଚ ହେଉଛି ବିକ୍ରେତାଙ୍କ ଦର ନିର୍ଦ୍ଧାରଣର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ।

ଖ) **ଅନ୍ୟ ବିକ୍ରେତାଙ୍କ ଦ୍ୱାରା ଦର ନିର୍ଦ୍ଧାରଣ:** ଜଣେ ବିକ୍ରେତା ତାଙ୍କ ଦ୍ରବ୍ୟର ଦରସ୍ଥିର କଲାବେଳେ ଅନୁରୂପ ଦ୍ରବ୍ୟର ଦର ଅନ୍ୟ ବିକ୍ରେତା ଦ୍ୱାରା ନିର୍ଦ୍ଧାରଣକୁ ଗ୍ରହଣ କରିଥାନ୍ତି । ଯଦି ଜଣେ ବିକ୍ରେତା ତାଙ୍କ ଦ୍ରବ୍ୟର ଦର ସ୍ଥିର କରନ୍ତି ତେବେ ସେ ଅନ୍ୟ ବିକ୍ରେତାଙ୍କ ସେହି ଦ୍ରବ୍ୟର ଦର ଠାରୁ ଉର୍ଦ୍ଧରେ ସ୍ଥିର କଲେ, ସେ ଅଧିକ ପରିମାଣ ଦ୍ରବ୍ୟ ବିକ୍ରୟ କରିବାକୁ ଅସମର୍ଥ ହେବେ । ତେଣୁ ସେ ଅଧିକ ଦ୍ରବ୍ୟ ବିକ୍ରୟ କରିବା ପାଇଁ ତାଙ୍କ ଦ୍ରବ୍ୟର ଦର ହ୍ରାସ କରିଥାଆନ୍ତି । ଏଣୁ ଦ୍ରବ୍ୟର ଦର ନିର୍ଦ୍ଧାରଣ ବିକ୍ରେତାଙ୍କ ପାଇଁ ସବୁଠାରୁ ଗୁରୁତ୍ୱ ପୂର୍ଣ୍ଣ । ଫଳରେ ଜଣେ ବିକ୍ରେତାଙ୍କୁ ସର୍ବୋଚ୍ଚ ଲାଭ ପାଇଁ ସେ ଅନ୍ୟ ବିକ୍ରେତାଙ୍କ ଦର ପ୍ରତି ଦୃଷ୍ଟି ଦେବା ଆବଶ୍ୟକ ।

ଗ) **ପ୍ରତ୍ୟାଶିତ ବିକ୍ରୟ ବିଭିନ୍ନ ଦରରେ:** ବିକ୍ରେତା ସର୍ବଦା ଭିନ୍ନ ଭିନ୍ନ ଦରରେ ଦ୍ରବ୍ୟର ପରିମାଣ ବିକ୍ରି ପ୍ରତି ଦୃଷ୍ଟି ଦିଏ । ତେଣୁ ତାଙ୍କ ଦ୍ୱାରା ଦର ଏପରି ହେବ ଯେପରିକି ସମୁଦାୟ ଦ୍ରବ୍ୟ ବିକ୍ରୟକରି ସେ ସବୁଠାରୁ ଅଧିକ ଲାଭ ପାଇପାରିବ ।

## ପାଠଗତ ପ୍ରଶ୍ନାବଳୀ ୧୧.୧

୧. ମନେକର ତୁମେ ବଜାରର ଜଣେ ବିଲାତି ବାଇଗଣ ବ୍ୟବସାୟୀ । କେଉଁ କେଉଁ ଉପାଦାନ ଦର ନିର୍ଦ୍ଧାଣରେ ଆବଶ୍ୟକ ଉଲ୍ଲେଖ କର ।

୨. ଯଦି ଡିଜେଲ ଦରର ପ୍ରଭାବ ଯୋଗୁଁ ପରିବହନ ଖର୍ଚ୍ଚ ଅଧିକ ହୁଏ ତେବେ ତୁମେ ସ୍ଥିର କରିଥିବା ବିଲାତି ଦର ଉପରେ କେଉଁ ପ୍ରଭାବ ପଡ଼ିବ ?

## ୧୧.୨ ଦରର ଅର୍ଥ ଓ ତାର ନିର୍ଦ୍ଧାରଣ

ଯଦି ଜଣେ ବିକ୍ରେତା ଗୋଟିଏ ଦ୍ରବ୍ୟର ଉଚ୍ଚ ଦର ନିର୍ଦ୍ଧାଣ କରେ, ତେବେ ଉକ୍ତ ଜିନିଷର ଯୋଗାଣର ପରିମାଣ ଚାହିଦାଠାରୁ ଅଧିକ ହେବ, ଆଉ ଯଦି ସିଏ ଦ୍ରବ୍ୟର ନିମ୍ନ ଦର ସ୍ଥିର କରେ, ତାହାହେଲେ ଚାହିଦାର ପରିମାଣ ଯୋଗାଣ ଠାରୁ ଅଧିକ ହେବ । ତୁମ୍ଭେମାନେ ପୂର୍ବରୁ ଜାଣିଛ ଯେ ଚାହିଦା ସୂତ୍ର ଅନୁସାରେ, ଅନ୍ୟ ସମସ୍ତ ବିଷୟ ଅପରିବର୍ତ୍ତିତ ରହି, କୌଣସି ଦ୍ରବ୍ୟର ଦର ହ୍ରାସ ପାଇଲେ, ଚାହିଦାର ପରିମାଣ ବୃଦ୍ଧି ପାଏ ଓ ଦର ବୃଦ୍ଧିହେଲେ, ଚାହିଦାର ପରିମାଣ ହ୍ରାସ ପାଏ । ଯୋଗାଣ ସୂତ୍ର ଅନୁସାରେ ଅନ୍ୟାନ୍ୟ ସମସ୍ତ ବିଷୟ ଅପରିବର୍ତ୍ତିତ ରହି କୌଣସି ଦ୍ରବ୍ୟର ଦର ବୃଦ୍ଧିହେଲେ ଯୋଗାଣର ପରିମାଣ ବୃଦ୍ଧିପାଏ ଏବଂ ଦର ହ୍ରାସ ହେଲେ ଯୋଗାଣର ପରିମାଣ ହ୍ରାସ ପାଏ । ଜଣେ କ୍ରେତାର ଲକ୍ଷ ହେଉଛି ସର୍ବନିମ୍ନ ଖର୍ଚ୍ଚ କରି ସର୍ବୋଚ୍ଚ ସନ୍ତୁଷ୍ଟି ପାଇବା ପାଇଁ ଓ ବିକ୍ରେତାର ଲକ୍ଷ ହେଉଛି ସର୍ବୋଚ୍ଚ ଲାଭପାଇବା ପାଇଁ ଚେଷ୍ଟିତ ଥାଆନ୍ତି । ଅର୍ଥାତ୍ ଯେଉଁ ଦରରେ ଦ୍ରବ୍ୟର ଯୋଗାଣର ପରିମାଣ ଓ ଚାହିଦାର ପରିମାଣ ସହିତ ସମାନ ହୋଇଥାଏ ତାହାକୁ ସନ୍ତୁଳନ ଦର କୁହାଯାଏ । ଏହିଭାବରେ ସନ୍ତୁଳନ ଦର ଏକ ନିର୍ଦ୍ଦିଷ୍ଟ ଦରକୁ ବୁଝାଏ । ଯେଉଁଠାରେ ଏହାକୁ ନିର୍ଦ୍ଧାରଣ କରୁଥିବା ଶକ୍ତିଗୁଡ଼ିକ ଭାରସାମ୍ୟ ରକ୍ଷାକରିଥାନ୍ତି । କିନ୍ତୁ ଏହିଭଳି କିଛି ଜିନିଷ ଅଛି ଯାହାର ଦର ସରକାର ନିର୍ଦ୍ଧାରିତ କରନ୍ତି କାରଣ ଖାଉଟି ଓ ଉତ୍ପାଦନକାରୀଙ୍କର ସ୍ୱାର୍ଥର ସୁରକ୍ଷା କରିବା । ଏହି ଅଧ୍ୟାୟରେ ଆମେ ଆଲୋଚନା କରିବା କିପରି ଏକ ଜିନିଷର ଦର ତାହାର ଚାହିଦା ଓ ଯୋଗଣର ଶକ୍ତିର ବଳରେ ନିର୍ଦ୍ଧାରିତ ହୁଏ ।

## ୧୧.୩ ସନ୍ତୁଳନ ଦରର ଅର୍ଥ

ସନ୍ତୁଳନ ଅର୍ଥ "ଭାରସାମ୍ୟ ଅବସ୍ଥା", ଯେଉଁ ଅବସ୍ଥାରେ ପରିବର୍ତ୍ତନର ପ୍ରବୃତ୍ତି ନଥାଏ । ଅନ୍ୟ ପ୍ରକାରର କହିଲେ ସନ୍ତୁଳନ ଏଭଳି ଏକ ପରିସ୍ଥିତି ଯେଉଁଥିରେ ଏହାକୁ ନିର୍ଦ୍ଧାରଣ କରୁଥିବା ଶକ୍ତିଗୁଡ଼ିକ ଭାରସାମ୍ୟ ରକ୍ଷା କରିଥାନ୍ତି । ଚାହିଦା ପରିମାଣ ଓ ଯୋଗାଣ ପରିମାଣ ଉଭୟ ଶକ୍ତି ଦ୍ୱାରା ସନ୍ତୁଳନ ଦର ନିର୍ଦ୍ଧାରିତ ହୋଇଥାଏ । ଅର୍ଥାତ୍ ଯେଉଁ ଦରରେ ଗୋଟିଏ ଦ୍ରବ୍ୟର ଚାହିଦାର ପରିମାଣ ଯୋଗାଣର ପରିମାଣ ସହିତ ସମାନ ହୋଇଥାଏ, ତାହାକୁ ସନ୍ତୁଳନ ଦର କୁହାଯାଏ ।

ସନ୍ତୁଳନ ଦରରେ ଚାହିଦାର ପରିମାଣ ଯୋଗାଣର ପରିମାଣ ସମାନ ଥାଏ । ସେହି ପରିମାଣକୁ ଉକ୍ତ ଦ୍ରବ୍ୟର ସନ୍ତୁଳନ ପରିମାଣ କୁହାଯାଏ ।

## ୧୧.୪ ସନ୍ତୁଳନ ଦର ନିର୍ଦ୍ଧାରଣ

ବାସ୍ତବ ଜୀବନରେ ଜଣେ ବିକ୍ରେତା/ପ୍ରତିଷ୍ଠାନ ଯେଉଁ ଦରରେ ଦ୍ରବ୍ୟକୁ ବିକ୍ରି କରିବାକୁ ଚାହେଁ, ସେଇଠି ତାହାର ଯୋଗାଣ ପରିମାଣ ଠାରୁ ଚାହିଦା ପରିମାଣ ଅଧିକ ବା କମ ହୋଇପାରେ । ଫଳରେ ଏହି ଦରକୁ ସନ୍ତୁଳନର ଦର କୁହାଯାଏ ନାହିଁ । ଏବେ ପ୍ରଶ୍ନ ଉଠେ କିଭଳି ଏହି ସନ୍ତୁଳନ ଦରକୁ ପହଞ୍ଚିବା ।

ଉପରୋକ୍ତ ସାରଣୀରେ ଆମେ ବିଲାତିର ଏକ କାଳ୍ପନିକ ବଜାର ଚାହିଦା ଓ ବଜାର ଯୋଗାଣ ସୂଚୀର ଉପସ୍ଥାପନ କରାଗଲା । ତୁମେ ମାନେ ଏହି ବଜାର ଚାହିଦା ଓ ଯୋଗାଣ ସୂଚୀ ବିଷୟରେ ପୂର୍ବରୁ ନବମ ଓ ଦଶମ ଅଧ୍ୟାୟରେ ଯଥାକ୍ରମେ ପାଠ କରିଛ ।

### ସାରଣୀ ୧୧.୧ ବିଲାତିର ଚାହିଦା ଓ ଯୋଗାଣ ସୂଚୀ

| ବିଲାତିର ଦର (କି.ଗ୍ରା. ପ୍ରତିଦର ଟଙ୍କାରେ) | ଦିନିକିଆ ଚାହିଦା ପରିମାଣ (କି.ଗ୍ରା.) | ଦିନିକିଆ ଯୋଗାଣ ପରିମାଣ(କି.ଗ୍ରା) |
|---|---|---|
| ୨୦ | ୧୦୦ | ୩୦୦ |
| ୧୮ | ୧୫୦ | ୨୫୦ |
| ୧୬ | ୨୦୦ | ୨୦୦ |
| ୧୪ | ୨୫୦ | ୧୫୦ |
| ୧୨ | ୩୦୦ | ୧୦୦ |

ସାରଣୀ ୧୧.୧ରେ ପର୍ଯ୍ୟବେକ୍ଷଣ କରି ଆମେ ଦେଖିଲୁ ବିଲାତିର ଦର ୨୦ଟଙ୍କା ଥିଲାବେଳେ, ଏହାର ବଜାର ଚାହିଦା ପରିମାଣ ୧୦୦ କି.ଗ୍ରା. ଓ ବଜାର ଯୋଗାଣର ପରିମାଣ ୩୦୦ କି.ଗ୍ରା. । ଏହି ଦରରେ ଯୋଗାଣ ଚାହିଦା ଠାରୁ ଅଧିକ ହୋଇଅଛି । ଯଦି ଦର ହ୍ରାସ ପାଇ ୧୮ଟଙ୍କା ପ୍ରତି କିଲୋଗ୍ରାମ ହୁଏ, ତାହା ହେଲେ ଚାହିଦାର ପରିମାଣ ବୃଦ୍ଧିପାଏ ୧୫୦କିଲୋଗ୍ରାମକୁ ଏବଂ ଯୋଗାଣର ପରିମାଣ ୨୫୦ କିଲୋଗ୍ରାମ୍ ହ୍ରାସ ପାଏ । ଉଭୟ କ୍ଷେତ୍ରରେ ଯୋଗାଣର ପରିମାଣ ଚାହିଦାର ପରିମାଣ ଠାରୁ ଅଧିକ । ଯାହାକି ବିଲାତିର ଅତ୍ୟଧିକ ଯୋଗାଣ ଦର୍ଶାଏ । ଏହା ଫଳରେ ବିଲାତିର ଦର ହ୍ରାସ ପ୍ରକ୍ରିୟା ସୃଷ୍ଟିହୁଏ ।

ବର୍ତ୍ତମାନ ଅତ୍ୟଧିକ ଯୋଗାଣ ହେତୁ ଦ୍ରବ୍ୟର ଦର ହ୍ରାସ ପାଇ ୧୬ଟଙ୍କାପ୍ରତି କିଲୋଗ୍ରାମରେ ସ୍ଥିର ହୁଏ । ଏହି ଦରରେ କ୍ରେତାମାନେ ୨୦୦କିଲୋଗ୍ରାମ୍ ବିଲାତି କିଣିବା ପାଇଁ ଇଚ୍ଛୁକ ଥିଲାବେଳେ ବିକ୍ରେତା ମାନେ ମଧ୍ୟସମାନ ପରିମାଣର ବା ୨୦୦କି.ଗ୍ରା. ବିଲାତି ବିକିବା ପାଇଁ ଇଚ୍ଛାପ୍ରକାଶ କରିଥାଆନ୍ତି । ଏହିପରି ଭାବେ ସନ୍ତୁଳନ ଦର ସ୍ଥିର ହୋଇଥାଏ । ଏପରି ସ୍ଥଳେ କିଲୋଗ୍ରାମ ପିଚ୍ଛା ୧୬ଟଙ୍କା ହେଉଛି ବିଲାତିର ସନ୍ତୁଳନ ଦର ଯେତେବେଳେ କି ଚାହିଦାର ପରିମାଣ ଓ ଯୋଗାଣର ପରିମାଣ ଭିତରେ ସମାନତା ଆସିଥାଏ ।

## ୧୧.୫ ଅସନ୍ତୁଳନ ପରିସ୍ଥିତି ଓ ସନ୍ତୁଳନ ଅବସ୍ଥାର ଉପଯୋଜନ

ଉପରୋକ୍ତ ସାରଣୀ ୧୧.୧ରେ ଆମେ ଦେଖିଲୁ ଦର ୧୨ଟଙ୍କା ଓ ୧୪ଟଙ୍କା (ସନ୍ତୁଳନ ଦରରୁ କମ) ରେ ଚାହିଦା ଓ ଯୋଗାଣର ସମତୁଲ ଆଣିପାରୁନାହିଁ । ସେହିପରିଭାବରେ ୨୦ଟଙ୍କା ଓ ୧୮ଟଙ୍କା ଦର (ସନ୍ତୁଳନ ଦରରୁ ଅଧିକ) ଚାହିଦା ଓ ଯେଗାଣର ପରିମାଣ ମଧ୍ୟରେ ସମତୁଲ ଆଣିପାରୁ ନାହିଁ । ଏହି ଦୁଇଟି ପରିସ୍ଥିତି ହିଁ ଅସନ୍ତୁଳନ ପରିସ୍ଥିତି ଅଟେ । ଏହାକୁ ବ୍ୟାଖ୍ୟା କରିବା ।

ବିଚାର କରିବା ଏଭଳି ଏକ ପରିସ୍ଥିତି ଯେଉଁଥିରେ ବିଲାତର ବଜାର ଦର ମୁଣ୍ଡପିଚ୍ଛା ୧୨ଟଙ୍କା ଅଟେ । ଏହି ଦରରେ କ୍ରେତାମାନେ ୩୦୦କିଲୋଗ୍ରାମ ବିଲାତି କିଣିବା ପାଇଁ ଇଚ୍ଛା କରୁଥିବା ବେଳେ ଅପରପକ୍ଷରେ ବିକ୍ରେତା ମାନେ କେବଳ ୧୦୦କିଲୋଗ୍ରାମ ବିଲାତି ବିକିବାପାଇଁ ଚାହାଁନ୍ତି । ସେହିପରି ଭାବରେ ବିଲାତିର ଦର ୧୪ଟଙ୍କା ପ୍ରତି କିଲୋଗ୍ରାମ ହେଲାବେଳେ ଚାହିଦାର ପରିମାଣ ହ୍ରାସ ପାଇ ୨୫୦ କିଲୋଗ୍ରାମ୍ ହୁଏ ଓ ଯୋଗାଣର ପରିମାଣ ବୃଦ୍ଧିପାଏ ୧୫୦କିଲୋଗ୍ରାମକୁ । ଉଭୟ କ୍ଷେତ୍ର ବିଲାତିର ବଜାରରେ ଅତ୍ୟଧିକ ଚାହିଦା ଦର୍ଶାଏ । ଏହା ଫଳରେ ଦର ପୁନଶ୍ଚ ବୃଦ୍ଧି ପାଇ ଚାଲିବ । ଯୋଗାଣ ସହ ଚାହିଦା ସମାନ ନହେବା ପର୍ଯ୍ୟନ୍ତ ଏହି ଦରବୃଦ୍ଧି ପ୍ରକ୍ରିୟା ଚାଲୁରହେ । ଶେଷରେ ଏହା ସନ୍ତୁଳନ ଦରରେ ୧୬ଟଙ୍କା ପ୍ରତି କିଲୋଗ୍ରାମରେ ସ୍ଥିର ହେବ ଯେଉଁଥିରେ ଚାହିଦାର ପରିମାଣ ୨୦୦କି.ଗ୍ରା. ଓ ଯେଗାଣର ପରିମାଣ ମଧ୍ୟ ଠିକ୍ ୨୦୦କି.ଗ୍ରା. ହେବାର ସୂଚନା ମିଳେ ।

ଅପର ପକ୍ଷରେ, ଯେତେବେଳେ ବିଲାତିର ଦର ୧୮ଟଙ୍କା ପ୍ରତିକିଲୋଗ୍ରାମ୍‌କୁ ବୃଦ୍ଧି ପାଏ, ଋହିଦାର ପରିମାଣ ୧୫୦କି.ଗ୍ରା ହୁଏ ଓ ଯେଗାଣର ପରିମାଣ ୨୫୦କି.ଗ୍ରା. ଅଟେ । ଉଚ୍ଚଦର ଯୋଗୁଁ ଋହିଦା ହ୍ରାସପାଇବ । ଯେଗାଣର ପରିମାଣ ଋହିଦା ପରିମାଣ ଠାରୁ ଅଧିକ ହେଲେ ବିକ୍ରେତାମାନେ ଦର ହ୍ରାସ କରିବାକୁ ବାଧ ହେବେ । ଯୋଗାଣ ସହ ଋହିଦା ସମାନ ନହେବା ପର୍ଯ୍ୟନ୍ତ ଏହି ଦର ହ୍ରାସ ପ୍ରକ୍ରିୟା ଋଲୁ ରହେ । ଦର କମି କମି ଶେଷରେ ସନ୍ତୁଳନ ଦରରେ ସ୍ଥିର ହୁଏ । ଯାହାକି ହେଉଛି ୧୬ଟଙ୍କା ପ୍ରତି କିଲୋଗ୍ରାମ୍ ।

## ପାଠଗତ ପ୍ରଶ୍ନାବଳୀ ୧୧.୨

୧. ମନେକର, ତୁମେ ଜଣେ ବିଲାତି ବିକ୍ରେତା ଏବଂ ତୁମ ପାଖରେ ବିକିବା ପାଇଁ ୧୦୦କି.ଗ୍ରା. ବିଲାତି ଅଛି । ବିଲାତିର ବଜର ଦର ହେଉଛି କିଲୋଗ୍ରାମ ପ୍ରତି ୨୦ଟଙ୍କା । ଏହି ଦରରେ ବିଲାତିର ଋହିଦା ହେଉଛି କେବଳ ୬୦କି.ଗ୍ରା. । ଏହା କିପରି ଭାବରେ ତୁମେ ସ୍ଥିର କରିଥିବା ବିଲାତିର ଦର ଉପରେ ପ୍ରଭାବ ପକାଇବ ?

୨. ଉପରୋକ୍ତ ପ୍ରଶ୍ନନଂ୧ ଅନୁସାରେ ଯଦି ବିଲାତିର ଦର କିଲୋଗ୍ରାମ୍ ପ୍ରତି ୨୦ଟଙ୍କା ହୁଏ, ଏହାର ଋହିଦା ୧୫୦କି.ଗ୍ରା. ତେବେ ଏହା କିପରି ଭାବରେ ତୁମେ ସ୍ଥିର କରିଥିବା ବିଲାତିର ଦର ଉପରେ ପ୍ରଭାବ ପକାଇବ ?

୩. ସଠିକ୍ ଉତ୍ତରରେ ଟିକ୍ (✓)ଚିହ୍ନ ଦିଅ

ଅତ୍ୟଧିକ ଋହିଦା ହେଉଛି ଏଭଳି ଏକ ଅବସ୍ଥା ଯେତେବେଳେ :

(କ) କୌଣସି ଦ୍ରବ୍ୟର ଋହିଦାର ପରିମାଣ ଏହାର ଯୋଗାଣର ପରିମାଣ ସହିତ ସମାନ ।

(ଖ) କୌଣସି ଦ୍ରବ୍ୟର ଋହିଦାର ପରିମାଣ ଏହାର ଯେଗାଣର ପରିମାଣ ଠାରୁ ଅଧିକ ହୁଏ ।

(ଗ) କୌଣସି ଦ୍ରବ୍ୟର ଯୋଗାଣର ପରିମାଣ ଏହାର ଋହିଦାର ପରିମାଣଠାରୁ ଅଧିକ ହୁଏ ।

୪. ସଠିକ୍ ଉତ୍ତରରେ (✓)ଚିହ୍ନ ଦିଅ ।

ଅତ୍ୟଧିକ ଯୋଗଣ ଏପରି ଏକ ଅବସ୍ଥା ଯେତେବେଳେ:

(କ) କୌଣସି ଦ୍ରବ୍ୟର ଯୋଗାଣର ପରିମାଣ, ଏହାର ଋହିଦାର ପରିମାଣଠାରୁ ଅଧିକହୁଏ ।

(ଖ) କୌଣସି ଦ୍ରବ୍ୟର ଯୋଗାଣର ପରିମାଣ, ଏହାର ଋହିଦାର ପରିମାଣ ସହ ସମାନ ହୁଏ ।

(ଗ) କୌଣସି ଦ୍ରବ୍ୟର ଯୋଗାଣର ପରମାଣ, ଏହାର ଋହିଦାର ପରିମାଣଠାରୁ କମ୍ ହୁଏ ।

୫. ସଠିକ୍ ଉତ୍ତରରେ (✓) ଚିହ୍ନ ଦିଅ ।

ଯଦି ଏକ ନିର୍ଦ୍ଧିଷ୍ଟ ଦରରେ, କୌଣସି ଦ୍ରବ୍ୟ ଋହିଦାର ପରିମାଣ ଏହାର ଯୋଗାଣର ପରିମାଣଠାରୁ ଅଧିକ ହୁଏ, ତେବେ:

(କ) ଦ୍ରବ୍ୟର ଦର ଅପରିବର୍ତ୍ତିତ ରହିବ ।

(ଖ) ଦର ଖସିବାକୁ ଆରମ୍ଭକରେ ।

(ଗ) ଦର ବଢ଼ିବାକୁ ଆରମ୍ଭ କରେ ।

୬. ଯଦି ଏକ ନିର୍ଦ୍ଦିଷ୍ଟ ଦରରେ, କୌଣସି ଦ୍ରବ୍ୟର ଯୋଗାଣର ପରିମାଣ, ଏହାର ଋହିଦାର ପରିମାଣଠାରୁ ଅଧିକ ହୁଏ, ତେବେ:

(କ) ଦର ଖସିବାକୁ ଆରମ୍ଭ କରେ ।

(ଖ) ଦର ଅପରିବର୍ତ୍ତିତ ରହେ ।

(ଗ) ଦର ବଢ଼ିବାକୁ ଆରମ୍ଭକରେ ।

## ୧୧.୬ ସନ୍ତୁଳନ ଦର ଓ ପରିମାଣ ଉପରେ ଋହିଦା ପରିବର୍ତ୍ତନର ପ୍ରଭାବ

ତୁମେ ପଢ଼ିଅଛ ଯେ ଦ୍ରବ୍ୟର ସନ୍ତୁଳନ ଦର ଏପରି ଏକ ଦର ଯେଉଁଠାରେ ଦ୍ରବ୍ୟର ଋହିଦାର ପରିମାଣ ଓ ଯୋଗାଣର ପରିମାଣ ସହିତ ସମାନ । କିନ୍ତୁ ଯେତେବେଳେ ଦ୍ରବ୍ୟର ଋହିଦା ବୃଦ୍ଧିପାଏ କିନ୍ତୁ ଯୋଗାଣ ସ୍ଥିର ରହେ ସେତେବେଳେ କ'ଣ ଘଟେ ? ଦ୍ରବ୍ୟର ଋହିଦାର ବୃଦ୍ଧିଯୋଗୁଁ ସନ୍ତୁଳନ ଦରର ବୃଦ୍ଧି ଘଟେ ପୁନଶ୍ଚ ଋହିଦା ଓ ଯୋଗାଣ ସମାନ ହୁଏ । ଅନ୍ୟପକ୍ଷରେ ଯେତେବେଳେ ଦ୍ରବ୍ୟର ଦର ହ୍ରାସ ପାଏ କିନ୍ତୁ ଏହାର ଯୋଗାଣ ସ୍ଥିର ରହେ ଏହା ସନ୍ତୁଳନକୁ ହ୍ରାସ କରେ ଯେଉଁଠାରେ ଦ୍ରବ୍ୟର ଋହିଦା ଓ ଯୋଗାଣ ସମାନ ହୋଇଥାଏ ।

## ୧୧.୭ ସନ୍ତୁଳନ ଦର ଓ ପରିମାଣ ଉପରେ ଯୋଗାଣ ପରିବର୍ତ୍ତନର ପ୍ରଭାବ

ଋହିଦା ଅପରିବର୍ତ୍ତିତ ରହି ଯୋଗାଣ ବୃଦ୍ଧିହେଲେ ସନ୍ତୁଳନ ଦର ହ୍ରାସପାଏ କିନ୍ତୁ ସନ୍ତୁଳନ ଯୋଗାଣ ଓ ଋହିଦା ପରିମାଣ ବୃଦ୍ଧିପାଏ । ଅପରପକ୍ଷରେ ଋହିଦା ଅପରିବର୍ତ୍ତିତ ରହି ଯୋଗାଣ ହ୍ରାସ ହେଲେ ସନ୍ତୁଳନ ଦର ବୃଦ୍ଧି ପାଇଥାଏ କିନ୍ତୁ ସନ୍ତୁଳନ ଋହିଦା ଓ ଯୋଗାଣ ପରିମାଣ ହ୍ରାସ ପାଏ ।

### ପାଠଗତ ପ୍ରଶ୍ନାବଳୀ ୧୧.୩

୧. ସନ୍ତୁଳନ ଦରରେ କ'ଣ ଘଟିଥାଏ ଯେତେବେଳେ:

(କ) ଯୋଗାଣ ସ୍ଥିର ରହି, ଋହିଦା ବୃଦ୍ଧି ହେଲେ ।

(ଖ) ଋହିଦା ସ୍ଥିର ରହି, ଯୋଗାଣ ବୃଦ୍ଧି ହେଲେ ।

(ଗ) ଯେଗାଣ ସ୍ଥିର ରହି, ଋହିଦା ହ୍ରାସ ହେଲେ ।

(ଘ) ଋହିଦା ସ୍ଥିର ରହି, ଯୋଗାଣ ହ୍ରାସ ହେଲେ ।

୨. ଏକ ଦ୍ରବ୍ୟର ସନ୍ତୁଳନ ଋହିଦା ଓ ଯୋଗଣର ପରିମାଣ କିପରି ଭାବେ ପ୍ରଭାବିତ ହୋଇଥାଏ, ଯେତେବେଳେ:

(କ) ଯୋଗାଣ ସ୍ଥିର ରହି, ଋହିଦା ବୃଦ୍ଧି ପାଏ ।

(ଖ) ଚାହିଦା ସ୍ଥିର ରହି, ଯୋଗାଣ ବୃଦ୍ଧି ପାଏ ।

(ଗ) ଯେଗାଣ ସ୍ଥିର ରହି, ଚାହିଦା ହ୍ରାସ ହେଲେ ।

(ଘ) ଚାହିଦା ସ୍ଥିର ରହି, ଯୋଗାଣ ହ୍ରାସ ହେଲେ ।

## ତୁମେ କ'ଣ ଶିଖିଲ

- ଯେତିକି ପରିମାଣର ମୁଦ୍ରା ଜଣେ କ୍ରେତା ଏକକ (One Unit) ଦ୍ରବ୍ୟ ଓ ସେବା ନିମନ୍ତେ ବିକ୍ରେତାକୁ ଦିଏ, ତାହାହିଁ ହେଉଛି ଉକ୍ତ ଦ୍ରବ୍ୟ ଓ ସେବାର ଦର ।
- ସନ୍ତୁଳନ ଦର ହେଉଛି ସେହି ଦର ଯେଉଁଠି ଏକ ଦ୍ରବ୍ୟର ଚାହିଦା ପରିମାଣ ଯୋଗାଣ ପରିମାଣ ସମାନ ଅଟନ୍ତି ।
- ଦ୍ରବ୍ୟର ବଜାର ଯୋଗାଣ ଓ ଚାହିଦା ଉଭୟ ଶକ୍ତି ଦ୍ୱାରା ସନ୍ତୁଳନ ଦର ନିର୍ଦ୍ଧାରଣ ହୋଇଥାଏ ।
- ଅତ୍ୟଧିକ ଚାହିଦା  ଏଭଳି ଏକ ଅବସ୍ଥା ଯେଉଁଠାରେ ଏକ ନିର୍ଦ୍ଦିଷ୍ଟ ଦରରେ ଚାହିଦାର ପରିମାଣ ଯୋଗାଣ ପରିମାଣ ଠାରୁ ଅଧିକ ଥାଏ ।
- ଅତ୍ୟଧିକ ଯୋଗାଣ ଏଭଳି ଏକ ପରିସ୍ଥିତି ଯେଉଁଥିରେ ଏକ ନିର୍ଦ୍ଦିଷ୍ଟ ଦରରେ ଯୋଗାଣର ପରିମାଣ ଚାହିଦାର ପରିମାଣ ଠାରୁ ଅଧିକ ଥାଏ ।
- ଅତ୍ୟଧିକ ଚାହିଦା କ୍ଷେତ୍ରରେ ଏକ ଦ୍ରବ୍ୟର ଦର ବୃଦ୍ଧିପାଇ ଚାଲିଥାଏ, ଯେପର୍ଯ୍ୟନ୍ତ ସନ୍ତୁଳନ ଦରରେ ନ ପହଞ୍ଚିଛନ୍ତି ।
- ଅତ୍ୟଧିକ ଯୋଗାଣ କ୍ଷେତ୍ରରେ ଦ୍ରବ୍ୟର ଦର ହ୍ରାସ ପାଇଚାଲିଥାଏ, ସନ୍ତୁଳନ ଦରରେ ନ ପହଞ୍ଚିଲା ପର୍ଯ୍ୟନ୍ତ ।
- ଯୋଗାଣ ଅପରିବର୍ତ୍ତିତ ରହି ଚାହିଦା ବୃଦ୍ଧି ହେଲେ ଉଭୟ ସନ୍ତୁଳନ ଦର ଏବଂ ଯୋଗାଣ ଓ ଚାହିଦା ପରିମାଣ ବୃଦ୍ଧି ପାଏ ।
- ଯୋଗାଣ ଅପରିବର୍ତ୍ତିତ ରହି ଚାହିଦା ହ୍ରାସ ହେଲେ ଉଭୟ ସନ୍ତୁଳନ ଦର, ଯୋଗାଣ ଓ ଚାହିଦା ପରିମାଣ ହ୍ରାସ ପାଏ ।
- ଚାହିଦା ଅପରିବର୍ତ୍ତିତ ରହି, ଯୋଗାଣ ବୃଦ୍ଧି ହେଲେ, ସନ୍ତୁଳନ ଦର ହ୍ରାସ ପାଏ ଓ ସନ୍ତୁଳନ ଯୋଗାଣ ଓ ଚାହିଦା ପରିମାଣ ବୃଦ୍ଧିପାଏ ।
- ଚାହିଦା ଅପରିବର୍ତ୍ତିତ ରହି, ଯୋଗାଣ ହ୍ରାସ ହେଲେ ସନ୍ତୁଳନ ଦର ବୃଦ୍ଧି ପାଏ କିନ୍ତୁ ସନ୍ତୁଳନ ଅବସ୍ଥାରେ ଚାହିଦା ଓ ଯୋଗାଣ ହ୍ରାସପାଏ ।

## ଅନ୍ତିମ ପ୍ରଶ୍ନାବଳୀ

୧. ଦର କହିଲେ କ'ଣ ବୁଝ ?

୨. ସନ୍ତୁଳନ ଦର କହିଲେ କ'ଣ ବୁଝ ?

୩. ସନ୍ତୁଳନ ପରିମାଣ ଅର୍ଥ କ'ଣ ?

୪. କିପରିଭାବରେ ସନ୍ତୁଳନ ଦର ନିର୍ଦ୍ଧାରଣ କରାଯାଏ ?

୫. ଏକ ଦ୍ରବ୍ୟର ଦରରେ କ'ଣ ଘଟିଥାଏ ଯେତେବେଳେ ସେହି ନିର୍ଦ୍ଦିଷ୍ଟ ଦରରେ-

(କ) ଚାହିଦାର ପରିମାଣ ଯୋଗାଣ ପରିମାଣ ଠାରୁ ଅଧିକ ହେଲେ ।

(ଖ) ଯୋଗାଣର ପରିମାଣ ଚାହିଦା ପରିମାଣଠାରୁ ଅଧିକ ହେଲେ ।

(ଗ) ଦ୍ରବ୍ୟର ଯୋଗାଣର ପରିମାଣ ଓ ଚାହିଦାର ପରିମାଣ ସହିତ ସମାନ ହେଲେ ।

୬. କିପରିଭାବେ ସନ୍ତୁଳନ ଦର ପ୍ରଭାବିତ ହୁଏ, ଯେତେବେଳେ ଯୋଗାଣ ସ୍ଥିର ରହି ଚାହିଦା ବୃଦ୍ଧି ହେଲେ ।

୭. ଚାହିଦା ଅପରିବର୍ତ୍ତିତ ରହି, ଯୋଗାଣ ହ୍ରାସହେଲେ, ଏହା ଉକ୍ତ ଦ୍ରବ୍ୟର ସନ୍ତୁଳନ ଦର ଓ ପରିମାଣ ଉପରେ କି ପ୍ରଭାବ ପକେଇଥାଏ ବ୍ୟାଖ୍ୟା କର । ଚାହିଦା ଓ ଯୋଗାଣର ପରିମାଣ ସହିତ ସମାନ ହେଲେ ସନ୍ତୁଳନ ଉପରେ କ'ଣ ପ୍ରଭାବ ପଡ଼େ ?

## ପାଠଗତ ପ୍ରଶ୍ନର ଉତ୍ତର

### ପାଠଗତ ପ୍ରଶ୍ନାବଳୀ ୧୧.୧

୧. କ. ଉତ୍ପାଦନର ପରିବ୍ୟୟ

ଖ. ଅନ୍ୟ ବିକ୍ରେତାଙ୍କ ଦ୍ୱାରା ସଦୃଶ ଦ୍ରବ୍ୟର ଦର ନିର୍ଦ୍ଧାରଣ

ଗ. ସମ୍ଭାବିତ ବିକ୍ରି ଭିନ୍ନ ଦରରେ

୨. ବିଲାତିର ଦର ବୃଦ୍ଧିପାଏ

### ପାଠଗତ ପ୍ରଶ୍ନାବଳୀ ୧୧.୨

୧. ବିଲାତିର ଦର ହ୍ରାସ ପାଏ ।

୨. ବିଲାତିର ଦର ବୃଦ୍ଧିପାଏ ।

୩. (ଖ)

୪. (କ)

୫. (ଗ)

୬. (କ)

## ପାଠଗତ ପ୍ରଶ୍ନ ୧୧.୩

୧. (କ) ସନ୍ତୁଳନ ଦର ବୃଦ୍ଧି ପାଏ ।

(ଖ) ସନ୍ତୁଳନ ଦର ହ୍ରାସ ପାଏ ।

(ଗ) ସନ୍ତୁଳନ ଦର ହ୍ରାସ ପାଏ ।

(ଘ) ସନ୍ତୁଳନ ଦର ବୃଦ୍ଧିପାଏ ।

୨. (କ) ଏହା ବୃଦ୍ଧି ପାଏ ।

(ଖ) ଏହା ବୃଦ୍ଧି ପାଏ ।

(ଗ) ଏହା ହ୍ରାସ ପାଏ ।

(ଘ) ଏହା ହ୍ରାସ ପାଏ ।

# ୧୨

# ବଜାର

ପୂର୍ବ ଅଧ୍ୟାୟରେ ଆମେ ପଢ଼ିଛୁ ଉତ୍ପାଦନ ଓ ଉତ୍ପାଦନର ସାଧନ ବିଷୟରେ । ଉତ୍ପାଦନର ସାଧନର ମିଳିତ ପ୍ରଚେଷ୍ଟାରେ ଯାହାସବୁ ଦ୍ରବ୍ୟ ଉତ୍ପାଦନ କରାଯାଏ ତାହା ବଜାରରେ ବିକ୍ରି ହେବା ନିମନ୍ତେ ରଖାଯାଏ । ଯେତେବେଳେ ଯାହାକିଛି ଆମର ଦରକାର ହୁଏ ଆମେ ବଜାରକୁ ଯାଇ କିଣୁ । ଏହା କିଛିବି ହୋଇପାରେ, ଯଥା- ସାବୁନ୍, ସାମ୍ପୋ, କପଡ଼ା ଓ ଅନ୍ୟାନ୍ୟ ।

## ଆଭିମୁଖ୍ୟ

ଏହି ଅଧ୍ୟାୟ ପାଠ କରିସାରିବା ପରେ ତୁମେ:

- ବଜାର ଅର୍ଥ କ'ଣ ବାଖ୍ୟା କରିପାରିବ ।
- ବଜାର ଆକୃତି ବିଷୟରେ ବୁଝିପାରିବ ।
- ବିଭିନ୍ନ ପ୍ରକାରର ବଜାର ତାର ବଣ୍ଟନ ପ୍ରକ୍ରିୟାର ଶୈଳୀ ଅନୁସାରେ ପାର୍ଥକୀୟ କରିପାରିବା ।
- ଅନ୍‌ଲାଇନ୍ ବଜାରର ଅର୍ଥ ମଧ୍ୟ ବୁଝିପାରିବ ।

## ୧୨.୧ ବଜାରର ଅର୍ଥ

ସାଧାରଣ ଅର୍ଥରେ ବଜାର କହିଲେ ଏକ ସ୍ଥାନକୁ ବୁଝାଏ ଯେଉଁଠାରେ କ୍ରେତ ଓ ବିକ୍ରେତା ଏକାଠି ହୋଇ ଦ୍ରବ୍ୟ କ୍ରୟ ବିକ୍ରୟ କରନ୍ତି, ଯଥା ବିଗ୍ ବଜାର, ଦିଲ୍ଲୀର ଋନ୍ଦିନୀଚୌକ, ମୁମ୍ବାଇର ଫେସନ୍ ଷ୍ଟ୍ରିଟ୍ ଓ ଅନ୍ୟାନ୍ୟ । ବଜାର ଏକ ନିର୍ଦ୍ଦିଷ୍ଟ ସ୍ଥାନ ମଧ୍ୟରେ ସୀମିତ ନୁହେଁ । ଅର୍ଥଶାସ୍ତ୍ରରେ ବଜାର କ୍ରେତା ଓ ବିକ୍ରେତାଙ୍କ ପରସ୍ପର ପ୍ରତ୍ୟେକ୍ଷ ସମ୍ପର୍କ ବାହାରେ ମଧ୍ୟ ସ୍ଥାପନ ହୋଇପାରେ । ଏହିପ୍ରକାରେ କ୍ରେତା ଓ ବିକ୍ରେତା ଭିନ୍ନ ଭିନ୍ନ ସ୍ଥାନରେ ରହି ମଧ୍ୟ ଏକ ନିର୍ଦ୍ଧିଷ୍ଟ ଦ୍ରବ୍ୟର କ୍ରୟ ବିକ୍ରୟ ସମ୍ପାଦନ କରିପାରନ୍ତି । ଏହି ଅର୍ଥରେ ବଜାର ଅର୍ଥ ଏକ ନିର୍ଦ୍ଧିଷ୍ଟ ସ୍ଥାନର ବ୍ୟବସ୍ଥା ଯେଉଁଠି କ୍ରେତା ଓ ବିକ୍ରେତା ପରସ୍ପର ମଧ୍ୟରେ ପରୋକ୍ଷ କିମ୍ବା ପ୍ରତ୍ୟେକ୍ଷ ସମ୍ପର୍କ ରଖିଥାନ୍ତି । ଯଦ୍ଵାରା ସେମାନଙ୍କ ମଧ୍ୟରେ ବିନିମୟ ସଂଘଟିତ ହୋଇଥାଏ । ଏହି ସଜ୍ଞା ଆମକୁ ଏହା ସୂଚାଉଛି ଯେ କେବଳ ମୁହାଁ ମୁହିଁ ଯୋଗାଯୋଗ ହେବା ବଜାର ପାଇଁ ଅନିବାର୍ଯ୍ୟ ନୁହେଁ । କ୍ରେତା ଓ ବିକ୍ରେତା ମାନେ ପରୋକ୍ଷ ଭାବରେ ଟେଲିଫୋନ, ମୋବାଇଲ୍ ଏବଂ ଇଣ୍ଟରନେଟ୍ ଦ୍ଵାରା ସେମାନଙ୍କର ବ୍ୟବସାୟ କାରବାର କରିପାରିବେ । କ୍ରେତା ଓ ବିକ୍ରେତା ଯେକୌଣସି ପ୍ରକାରରେ ସମ୍ପର୍କ ସ୍ଥାପନ କରନ୍ତୁନା କାହିଁକି ସେମାନେ

ମୁଦ୍ରା ମାଧ୍ୟମରେ ଦ୍ରବ୍ୟ ଏବଂ ସେବାର ବିନିମୟ କରିଥାନ୍ତି । ଏହିଭଳି ଭାବରେ ଦ୍ରବ୍ୟ ଏବଂ ସେବାଗୁଡ଼ିକର ମୂଲ୍ୟ ଏବଂ ପରିମାଣ ନିର୍ଦ୍ଧାରିତ ହୋଇଥାଏ । ତେଣୁ ବଜାର କହିଲେ ବିନିମୟ ଯୋଗ୍ୟ ଏକ ନିର୍ଦ୍ଦିଷ୍ଟ ଦ୍ରବ୍ୟର "ପରସ୍ପର ସମ୍ପର୍କରେ ଆସୁଥିବା କ୍ରେତା ଓ ବିକ୍ରେତା" ମାନଙ୍କୁ ହିଁ ବୁଝାଏ ।

## ବଜାରର ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ

ଉପରୋକ୍ତ ସଜ୍ଞା ଅନୁସାରେ ବଜାରର ବୈଶିଷ୍ଟ୍ୟ ଗୁଡ଼ିକ ନିମ୍ନରେ ପ୍ରଦତ୍ତ କରାଗଲା:

୧. **ଦ୍ରବ୍ୟ:** ଯାହାର ଚାହିଦା ଥାଏ ଏବଂ ଯାହା ବିକ୍ରୟ ପାଇଁ ଉପଲବ୍ଧ ଥାଏ ।

୨. **କ୍ରେତା ଏବଂ ବିକ୍ରେତା:** ଯେଉଁମାନେ କି ଉକ୍ତ ଦ୍ରବ୍ୟର କିଣା ବିକା କରନ୍ତି ।

୩. **ଯୋଗାଯୋଗ:** କ୍ରେତା ଓ ବିକ୍ରେତା ମାନଙ୍କ ମଧ୍ୟରେ ଯୋଗାଯୋଗ ରହିବା ଆବଶ୍ୟକ ।

### ପାଠଗତ ପ୍ରଶ୍ନାବଳୀ ୧୨.୧

ଶୂନ୍ୟ ସ୍ଥାନ ପୂରଣ କର ।

୧. ବଜାର ସେହି ସ୍ଥାନକୁ କୁହାଯାଏ ଯେଉଁଠାରେ କ୍ରେତା ଓ ବିକ୍ରେତାଙ୍କ ମଧ୍ୟରେ ........... ଥାଏ ।

୨. ........... ରେ କିଣା ବିକା ହୁଏ ।

୩. ବଜାରରେ .............. ଓ ........... ଏକ ସମୟରେ ହୋଇଥାଏ ।

୪. ବଜାର ତାହାକୁ କୁହାଯାଏ ଯେଉଁଠାରେ କ୍ରେତା ଓ ବିକ୍ରେତା, ସେମାନଙ୍କ ମଧ୍ୟରେ ଯୋଗାଯୋଗ ଏବଂ ............... ର ଅବସ୍ଥିତ ଥାଏ ।

## ୧୨.୨ ବଜାରର ଆକୃତି

ବଜାରର ଆକୃତି କହିଲେ ଆମେ ବଜାରରେ ଥିବା ଉତ୍ପାଦର ପ୍ରକୃତି ଓ କ୍ରେତା ଓ ବିକ୍ରେତା ମାନଙ୍କ ସଂଖ୍ୟା କୁହିଁ ବୁଝିଥାଉ । ଏହି ଭଳି ଭାବରେ ଆମେ ଦୁଇଟି ମୁଖ୍ୟ ବଜାର ଆକୃତି କିମ୍ବା ପ୍ରକାର ଦେଖିବା ।

(୧) ଏକାଧିକାର ବଜାର(Monopoly Market)

(୨) ପ୍ରତିଯୋଗିତା ପୂର୍ଣ୍ଣ ବଜାର (Perfect Competitive Market)

### ୧୨.୨.୧ ଏକାଧିକାର

ଏକାଧିକାର(Monopoly)ର ଇଂରାଜୀ ଶବ୍ଦ "ମୋନୋପୋଲି" ଦୁଇଟି ଗ୍ରୀକ୍ ଶବ୍ଦ ଯଥା (Monos)ଓ (Polus)ରୁ ଉଦ୍ଧୃତ । ଏକାଧିକାର କହିଲେ ସେହି ବଜାର ସ୍ଥିତିକୁ ବୁଝାଏ ଯେଉଁଠାରେ ଏକ ମାତ୍ର ବିକ୍ରେତା ଥାଏ । ଏକାଧିକାରବଜାର କହିଲେ ଯେଉଁଠାରେ ଉତ୍ପାଦନକାରୀ ଏପରି ଏକ ଦ୍ରବ୍ୟ ବିକ୍ରୟ କରନ୍ତି ଯାହାର ବଜାରରେ କୌଣସି ନିକଟ ସ୍ଥାନାପନ୍ନ ଦ୍ରବ୍ୟ ଉପଲବ୍ଧ ହୁଏନାହିଁ । ଏକଚାଟିଆ ବ୍ୟବସାୟରେ କୌଣସି ପ୍ରତିଦ୍ୱନ୍ଦୀ ଦେଖିବାକୁ ମିଳନ୍ତି ନାହିଁ । ଜଣେମାତ୍ର ବିକ୍ରେତା ଯେଉଁ ଦ୍ରବ୍ୟ ବିକ୍ରୟ କରୁଥାନ୍ତି, ତାର କୌଣସି ନିକଟସ୍ଥାନାପନ୍ନ ଦ୍ରବ୍ୟ ଉପଲବ୍ଧ ହୁଏ ନାହିଁ । ବିକ୍ରେତା ବଜାରକୁ ନିଜ ନିୟନ୍ତ୍ରଣରେ ରଖିଥାନ୍ତି ଏବଂ ନିଜ ଦ୍ରବ୍ୟ ପାଇଁ କ୍ରେତା ମାନଙ୍କ ପ୍ରତିକ୍ରିୟା ଅନୁଯାୟୀ ଦର ମଧ୍ୟ ସ୍ଥିର କରିଥାନ୍ତି । ଉଦାହରଣ: ଭାରତ ସରକାରଙ୍କର ରେଳଚଳାଚଳ, ପାନୀୟଜଳ ଯୋଗାଣ, ପରମାଣୁ ଶକ୍ତି, ଇତ୍ୟାଦି ଏକାଧିକାର ଉଦାହରଣ ।

### ମୌଳିକ ବୈଶିଷ୍ଟ୍ୟ:

୧. **ଏକମାତ୍ର ପ୍ରତିଷ୍ଠାନ:** ଜଣେମାତ୍ର ବିକ୍ରେତା ଓ ବିପୁଳ ସଂଖ୍ୟକ କ୍ରେତା ଏକାଧିକାର ବଜାରରେ ଥାଆନ୍ତି । ଜଣେ ମାତ୍ର ଉତ୍ପାଦନକାରୀ ସେହି ବିକ୍ରେତା ଅଟନ୍ତି । ତାଙ୍କର ବଜାରରେ କୌଣସି ପ୍ରତିଯୋଗୀ ନଥାନ୍ତି । ଏକମାତ୍ର ପ୍ରତିଷ୍ଠାନ (Firm) ସମଗ୍ର ଉଦ୍ୟୋଗର ଆକାର ପରିଗ୍ରହ କରିଥାଏ ।

୨. **ନିକଟ ସ୍ଥାନାପନ୍ନ ଦ୍ରବ୍ୟର ଅନୁପସ୍ଥିତି (Non-availability of close subsitute):** ଏକାଧିକାର ବଜାରରେ ଉତ୍ପାଦନକାରୀ ଯେଉଁ ଦ୍ରବ୍ୟ ଉତ୍ପାଦନ କରି ବିକ୍ରୟ କରନ୍ତି, ତାହାର ନିକଟ ସ୍ଥାନାପନ୍ନ ଦ୍ରବ୍ୟ ବଜାରରେ ଉପଲବ୍ଧ ହୁଏ ନାହିଁ । ଏକାଧିକାର ଉତ୍ପାଦନକାରୀ ସମସ୍ତ ଦ୍ରବ୍ୟ ଗୋଟିଏ ବଜାର ପାଇଁ ଉତ୍ପାଦନ କରନ୍ତି ।

୩. **ଦର ନିର୍ମାତା(Price Maker):** ପ୍ରତିଷ୍ଠାନ ଦର ନିର୍ଦ୍ଧାରକ ଅଟନ୍ତି । ଯେହେତୁ ଏକାଧିକାର ବଜାରରେ ଏକ ମାତ୍ର ଯୋଗାଣକାରୀ ବିକ୍ରେତାର ଦର ଉପରେ ଯଥେଷ୍ଟ ନିୟନ୍ତ୍ରଣ ଥାଏ । କିନ୍ତୁ ଏକାଧିକାର ବଜାରର ପ୍ରତିଷ୍ଠାନ ଉଚ୍ଚ ଦର ସ୍ଥିର କଲେ ଉକ୍ତ ଦ୍ରବ୍ୟର ପରିମାଣ ଋହିଦା କମିଯାଏ ।

୪. **ନୂତନ ପ୍ରତିଷ୍ଠାନ ପ୍ରବେଶ ପ୍ରତି ବଳିଷ୍ଠ ପ୍ରତିବନ୍ଧକ (Strong barries to entry):** ଏହି ବଜାରରେ ନୂତନ ପ୍ରତିଷ୍ଠାନ ପ୍ରବେଶର କଟକଣା ଥାଏ । ଏକ ମାତ୍ର ବିକ୍ରେତା ଏଠାରେ ଥାଏ । ଫଳରେ ପ୍ରତିଷ୍ଠାନ ଓ ଉଦ୍ୟୋଗ ମଧ୍ୟରେ କୌଣସି ପ୍ରଭେଦ ନଥାଏ ।

୫. **ଏକାଧିକାରିର ମୁଖ୍ୟ ଲକ୍ଷ୍ୟ ହେଉଚି ସର୍ବୋଚ୍ଚ ଲାଭ ।**

### ୧୨.୨.୨ ପୂର୍ଣ୍ଣ ପ୍ରତିଯୋଗିତାମୂଳକ ବଜାର କିମ୍ବା ଶୁଦ୍ଧ ପ୍ରତିଯୋଗିତା

ପୂର୍ଣ୍ଣ ପ୍ରତିଯୋଗିତା ବଜାର ଏକାଧିକାର ବଜାରର ସମ୍ପୂର୍ଣ୍ଣ ବିପରୀତ ଅବସ୍ଥା କହିଲେ ଅତ୍ୟୁକ୍ତି ହେବ ନାହିଁ ।

### ପୂର୍ଣ୍ଣପ୍ରତିଯୋଗିତାର ବୈଶିଷ୍ଟ୍ୟ:

୧. **ଅସଂଖ୍ୟ କ୍ରେତା ଓ ବିକ୍ରେତା:** ପୂର୍ଣ୍ଣ ପ୍ରତିଯୋଗିତା ବଜାରରେ ବହୁସଂଖ୍ୟକ ବିକ୍ରେତା ସେମାନଙ୍କର ଜିନିଷକୁ ବହୁ ସଂଖ୍ୟକ କ୍ରେତା ମାନଙ୍କୁ ବିକ୍ରୟ କରିଥାନ୍ତି ।

୨. **ସମଜାତୀୟ ଦ୍ରବ୍ୟ:** ପୂର୍ଣ୍ଣ ପ୍ରତିଯୋଗିତାମୂଳକ ବଜାରରେ ବିକ୍ରିପାଇଁ ଉଦ୍ଦିଷ୍ଟ ଦ୍ରବ୍ୟଗୁଡ଼ିକ ସର୍ବୋତ୍ତଭାବେ ସମାନ ହୋଇଥାନ୍ତି । ଏହାମାନେ ପ୍ରତ୍ୟେକ ବିକ୍ରେତା ସମାନ ଜାତୀୟ ଦ୍ରବ୍ୟଗୁଡ଼ିକୁ କେବଳ କ୍ରେତାମାନଙ୍କୁ ବିକ୍ରି କରିଥାଆନ୍ତି । ଆକାରଗତ ଓ ଗୁଣାତ୍ମକ ଦୃଷ୍ଟିକୋଣରୁ ଦ୍ରବ୍ୟର ବିଭିନ୍ନ ଏକକ ମଧ୍ୟରେ ସାମାନ୍ୟତମ ପାର୍ଥକ୍ୟ ଦୃଷ୍ଟିଗୋଚର ହୁଏ ନାହିଁ ।

୩. **ଅବାଧ ପ୍ରବେଶ ଓ ପ୍ରସ୍ଥାନ:** ପୂର୍ଣ୍ଣପ୍ରତିଯୋଗିତା ବଜାରରେ ଦ୍ରବ୍ୟ ଉତ୍ପାଦନ ଓ ବିକ୍ରୟ କରୁଥିବା ପ୍ରତିଷ୍ଠାନଗୁଡ଼ିକର ବଜାରରେ ପ୍ରବେଶ ଓ ପ୍ରସ୍ଥାନ ଉପରେ କୌଣସି କଟକଣା ନଥାଏ । ସେମାନେ ଅବାଧରେ ବଜାରକୁ ପ୍ରବେଶ କରିଥାନ୍ତି । ସେହିପରି ଯଦି କୌଣସି ବିକ୍ରେତା ବ୍ୟବସାୟ ଛାଡ଼ି ଯିବାକୁ ଋହିଁଲେ ସ୍ୱଚ୍ଛନ୍ଦରେ ଯାଇପାରେ ।

୪. ପୂର୍ଣ୍ଣ ପ୍ରତିଯୋଗିତା ବଜାରରେ ପ୍ରତ୍ୟେକ ବିକ୍ରେତା ସର୍ବୋଚ୍ଚ ଲାଭ ପାଇଁ ଚେଷ୍ଟିତ ଥାଆନ୍ତି ।

୫. ସରକାରଙ୍କ ଭୂମିକା ଏଠାରେ କେବଳ ବିକ୍ରେତାମାନଙ୍କୁ ସୁରକ୍ଷା ଦେବାରେ ସୀମିତ ଥାଏ । ସରକାର ବ୍ୟବସାୟରେ କୌଣସି ପ୍ରକାର ହସ୍ତକ୍ଷେପ କରନ୍ତିନାହିଁ ।

୬. ପୂର୍ଣ୍ଣ ପ୍ରତିଯୋଗିତା ମୂଳକ ବଜାରରେ କ୍ରେତା ଓ ବିକ୍ରେତାମାନଙ୍କର ବଜାର ସମ୍ପର୍କରେ ସମ୍ପୂର୍ଣ୍ଣ ଜ୍ଞାନ ଥାଏ ।

୭. ପୂର୍ଣ୍ଣ ପ୍ରତିଯୋଗିତା ମୂଳକ ବଜାରରେ ଉତ୍ପାଦନର ସାଧନଗୁଡ଼ିକ ଗୋଟିଏ ବ୍ୟବସାୟ ବା ପ୍ରତିଷ୍ଠାନରୁ ଅନ୍ୟ ଏକ ବ୍ୟବସାୟ ବା ପ୍ରତିଷ୍ଠାନକୁ ଅବାଧରେ ଚଳପ୍ରଚଳ କରିଥାଆନ୍ତି ।

## ବଜାର ଆକୃତିର ବାସ୍ତବିକ ସ୍ଥିତି

ଏକାଧିକାର ବଜାର ବା ପୂର୍ଣ୍ଣ ପ୍ରତିଯୋଗିତା ମୂଳକ ବଜାର ବାସ୍ତବ କ୍ଷେତ୍ରରେ ପରିଲକ୍ଷିତ ହୁଏ ନାହିଁ । ନିମୟ ଅନୁସାରେ ବ୍ୟକ୍ତିଗତ ଏକାଧିକାର ଗ୍ରହଣୀୟ ନୁହେଁ । କେବଳ ସରକାରଙ୍କର ଏକାଧିକାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ବଜାରରେ ଗୋଟିଏ ଦ୍ରବ୍ୟର ବିଭିନ୍ନ ପ୍ରକାରର ଭେଦ ଦେଖିବାକୁ ମିଳେ ଏବଂ ପୂର୍ଣ୍ଣ ପ୍ରତିଯୋଗିତା ପ୍ରକୃତ ପକ୍ଷରେ ଦୃଷ୍ଟିଗୋଚର ହୁଏ ନାହିଁ । ଉଦାହରଣ ଭାବେ ସ୍ନାନ ନିମନ୍ତେ ବ୍ୟବହାର କରାଯାଉଥିବା ସାବୁନ୍‌କୁ ଉଦାହରଣ ନିଆଯାଉ । ପୂର୍ଣ୍ଣ ପ୍ରତିଯୋଗିତା ମୂଳକ ବଜାର କ୍ଷେତ୍ରରେ ଏକାଧିକ ବିକ୍ରେତା କେବଳ ଏକପ୍ରକାର ହିଁ ସାବୁନ୍ ବିକ୍ରି କରିପାରିବେ । କିନ୍ତୁ ବାସ୍ତବ କ୍ଷେତ୍ରରେ ବଜାରରେ ବିଭିନ୍ନ ପ୍ରକାର ବ୍ରାଣ୍ଡର ସାବୁନ୍ ଯଥା, ଗୋଦରେଜ, ନିମ୍, ମଇଶୂର ସାଣ୍ଡାଲ, ଜନ୍‌ସନ୍, ହମାମ, ଡେଟୋଲ, ଲାଇଫବଏ ଭଳି ପ୍ରତିଷ୍ଠାନର ବିଭିନ୍ନ ପ୍ରକାରର ସାବୁନ୍ ଉପଲବ୍ଧ ହୋଇଥାଏ । ଯଦିଓ ସମସ୍ତ ସାବୁନ୍ ଏକା ଉଦ୍ଦେଶ୍ୟ ପାଇଁ ବ୍ୟବହୃତ ହୁଏ, ରଙ୍ଗ, ପ୍ୟାକିଙ୍ଗ ଓ ସୁଗନ୍ଧ କ୍ଷେତ୍ରରେ ସେମାନଙ୍କ ମଧ୍ୟରେ ଯଥେଷ୍ଟ ପାର୍ଥକ୍ୟ ପରିଲକ୍ଷିତ ହୋଇଥାଏ । ବିକ୍ରେତା ମାନେ ସେମାନଙ୍କର ସାବୁନ୍ ବିକ୍ରିକରିବା ପାଇଁ ବିଜ୍ଞାପନ କ୍ଷେତ୍ରରେ ବହୁତ ଅର୍ଥ ଖର୍ଚ୍ଚ କରିଥାଆନ୍ତି । ପୂର୍ଣ୍ଣପ୍ରତିଯୋଗିତା ମୂଳକ ବଜାରରେ ଏକାଧିକ ବିକ୍ରେତା କୌଣସି ବିଜ୍ଞାପନ ବିନା ଗୋଟିଏ ପ୍ରକାର ଉତ୍ପାଦ ବିକ୍ରି କରୁଥିବାବେଳେ ଏହି କ୍ଷେତ୍ରରେ ବହୁ ସଂଖ୍ୟକ ବିକ୍ରେତା ଏକ ନିର୍ଦ୍ଦିଷ୍ଟ ଉତ୍ପାଦର ଭିନ୍ନ ଭିନ୍ନ ରକମ ବିକ୍ରି କରିଥାଆନ୍ତି । ଏହିଭଳି ବଜାରକୁ ଅପୂର୍ଣ୍ଣାଙ୍ଗ ପ୍ରତିଯୋଗିତାମୂଳକ ବଜାର କୁହାଯାଇଥାଏ ।

### ପାଠଗତ ପ୍ରଶ୍ନାବଳୀ ୧୨.୨

୧. ଏକାଧିକାର ବଜାରର ଅର୍ଥ କ'ଣ ?

୨. ଭାରତରେ ଏକାଧିକାରର ଦୁଇଟି ଉଦାହରଣ ଦିଅ ?

୩. ଏକାଧିକାର ବଜାରରେ ଏକମାତ୍ର ପ୍ରତିଷ୍ଠାନ ଓ ସମଗ୍ର ଉଦ୍ୟୋଗ ମଧ୍ୟରେ କୌଣସି ପାର୍ଥକ୍ୟ କାହିଁକି ପରିଲକ୍ଷିତ ହୁଏ ନାହିଁ ?

୪. ଏକାଧିକାର ପ୍ରତିଷ୍ଠାନ ମାନେ ଦରଗ୍ରହୀତା ନା ଦରନିର୍ମାତା ?

୫. ପୂର୍ଣ୍ଣ ପ୍ରତିଯୋଗିତା କ୍ଷେତ୍ରରେ ଅବାଧ ପ୍ରବେଶ ର ଅର୍ଥ କ'ଣ ?

୬. ହଁ ବା ନାଁରେ ଉତ୍ତର ଦିଅ ।

କ) ପୂର୍ଣ୍ଣପ୍ରତିଯୋଗିତା ବଜାରରେ କେବଳ ଜଣେ ବିକ୍ରେତା ଥାଏ । [ ]

ଖ) ପୂର୍ଣ୍ଣପ୍ରତିଯୋଗିତା ବଜାରରେ ବିଭିନ୍ନ ପ୍ରକାରର ଦ୍ରବ୍ୟ ବିକ୍ରି ହୋଇଥାଏ । [ ]

ଗ) ପୂର୍ଣ୍ଣପ୍ରତିଯୋଗିତା ମୂଳକ ବଜାରରେ ସରକାର ଉତ୍ପାଦନ କ୍ଷେତ୍ରରେ ହସ୍ତକ୍ଷେପ କରିଥାନ୍ତି ।[ ]

ଘ) ପୂର୍ଣ୍ଣ ପ୍ରତିଯୋଗିତା କ୍ଷେତ୍ରରେ ଉତ୍ପାଦଗୁଡ଼ିକ ପୂର୍ଣ୍ଣ ସ୍ଥାନାପନ୍ନ ହୋଇଥାନ୍ତି । [ ]

ଙ) ପୂର୍ଣ୍ଣପ୍ରତିଯୋଗିତା କ୍ଷେତ୍ରରେ କ୍ରେତା ମାନଙ୍କର ଉତ୍ପାଦ ସମ୍ପର୍କରେ ସମ୍ପୂର୍ଣ୍ଣ ଜ୍ଞାନ ଥାଏ । [ ]

## ୧୨.୩ ବିକ୍ରି ଉଦ୍ଦିଷ୍ଟ ପରିମାଣ ଓ ବଣ୍ଟନ ପ୍ରଣାଳୀ ମାଧ୍ୟମରେ ବଜାରର ପ୍ରକାର ଭେଦ

ବିକ୍ରିଲବ୍ଧ ଦ୍ରବ୍ୟ ଓ ବଣ୍ଟନ ଦ୍ୱାରାବଜାରକୁ ନିମ୍ନୋକ୍ତ ଶ୍ରେଣୀରେ ବିଭକ୍ତ କରାଗଲା:

(କ) ପାଇକାରୀ ବିକ୍ରେତା ବଜାର

(ଖ) ଖୁଚୁରା ବିକ୍ରେତା ବଜାର

### କ) ପାଇକାରୀ ବିକ୍ରେତା ବଜାର:

ପାଇକାରୀ ବିକ୍ରେତା ମାନେ ମୁଖ୍ୟତଃ ଖୁଚୁରା ବିକ୍ରେତା ଓ ସଂସ୍ଥାଙ୍କ ତାଙ୍କ ସାମଗ୍ରୀ ବିକ୍ରି କରିଥାନ୍ତି ନା କି ଖାଉଟି ମାନଙ୍କୁ । ଏକ ବଜାର ଯେତେବେଳେ ବଡ଼ଧରଣର କାରବାର ହୁଏ ତାକୁ ପାଇକାରୀ ବଜାର କୁହନ୍ତି । ପାଇକାରୀ ବିକ୍ରେତା ଛୋଟ ଧରଣର କାରବାର କରନ୍ତି ନାହିଁ । ସେମାନେ ମୁଖ୍ୟତଃ ଖୁଚୁରା ବ୍ୟବସାୟୀ ମାନଙ୍କୁ ବିକ୍ରୀ କରନ୍ତି । ବିନିର୍ମାଣ ଓ ଖାଉଟି ଏମାନଙ୍କ ମାଧ୍ୟମରେ ପାଇକାରୀ ବିକ୍ରେତା ଏକ ମୁଖ୍ୟ ସଂଯୋଗ କରୁଥିବା ଅଂଶ । ପାଇକାରୀ ବିକ୍ରେତା ମାନଙ୍କ ଯୋଗୁଁ ହିଁ ବିନିର୍ମାଣ ମାନେ ସୁବିଧାରେ ତାଙ୍କ ଉତ୍ପାଦ ବଡ଼ ଧରଣରେ ବିକ୍ରି କରିପାରନ୍ତି ।

### ଖ) ଖୁଚୁରା ବିକ୍ରେତା ବଜାର

ଖୁଚୁରା ବ୍ୟବସାୟରେ ଭୌତିକ ବସ୍ତୁ ଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ସ୍ଥାନରୁ ଯଥା- କିରାନା, ଦୋକାନରୁ ଛୋଟ ଧରଣରେ ଖାଉଟି ମାନଙ୍କର ସିଧା ସଳଖ ଉପଭୋଗ ପାଇଁ ବିକ୍ରି କରାଯାଏ । ଏଠାରେ ବସ୍ତୁଗୁଡ଼ିକ ଛୋଟ ଧରଣରେ ବିକ୍ରି କରାଯାଏ । ଏଠାରେ ବସ୍ତୁଗୁଡ଼ିକ ଛୋଟ ଧରଣରେ ବିକ୍ରି କରାଯାଏ । ଏଇମାନେ ସିଧାସଳଖ ଖାଉଟିମାନଙ୍କୁ ସେମାନଙ୍କ ବସ୍ତୁ ବିକ୍ରି କରନ୍ତି ।

ବିନିର୍ମାଣ → ପାଇକାରୀ → ଖୁଚୁରା ବିକ୍ରେତା → ଖାଉଟି ମାନେ

ବଣ୍ଟନ ପ୍ରଣାଳୀର ଧାରାରେ ଖୁଚୁରା ବ୍ୟବସାୟୀମାନେ ସେମାନଙ୍କର ଦ୍ରବ୍ୟ ଓ ସେବା ବିକ୍ରୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । ସେମାନେ ପରୋକ୍ଷ ଭାବେ ଖାଉଟି ମାନଙ୍କର ସହିତ ଯୋଗାଯୋଗ ରଖିଥାନ୍ତି । ସେଥିପାଇଁ ଦୋକାନ ସବୁ ଯେତେ ବାସସ୍ଥାନ ନିକଟରେ ରହିବ ଲୋକମାନଙ୍କୁ ଜିନିଷ କିଣିବା ପାଇଁ ସୁବିଧା ହେବ । ଖାଉଟି ମାନଙ୍କୁ ଆକର୍ଷିତ କରିବା ପାଇଁ ଖୁଚୁରା ବ୍ୟବସାୟୀ ମାନେ ଦୋକାନ ସଜାସଜି ଉପରେ ବହୁତ ଖର୍ଚ୍ଚ ବହନ କରିଥାନ୍ତି ।

### ପାଠ ଗତ ପ୍ରଶ୍ନାବଳୀ ୧୨.୩

୧. ନିଜ ବାସସ୍ଥାନ ନିକଟସ୍ଥ କିଛି ଖୁଚୁରା ଦୋକାନୀର ଉଦାହରଣ ଦିଅ ।

୨. ପାଇକାରୀ ବିକ୍ରେତାର ସଂଜ୍ଞା ବାଖ୍ୟା କର ।

୩. ଖୁଚୁରା ବିକ୍ରେତାର ସଂଜ୍ଞା ବାଖ୍ୟା କର ।

୪. ଖୁଚୁରା ବଜାରର ସଂଜ୍ଞା ବାଖ୍ୟା କର ।

## ୧୨.୪ ଅନ୍‌ଲାଇନ୍ ବଜାର କିମ୍ବା ଅନ୍‌ଲାଇନ୍ ଦୋକାନରେ କ୍ରୟକରଣ

ଏହାଏକ ନୂତନ ପ୍ରକ୍ରିୟା ଯେଉଁଥିରେ ଖାଉଟି ମାନେ ଦ୍ରବ୍ୟ ଓ ସେବା ବିକ୍ରେତାମାନଙ୍କଠାରୁ ବିନା କିଛି ମାଧ୍ୟମରେ ଅର୍ଥାତ୍ ପ୍ରତ୍ୟେକ୍ଷଭାବେ କରିପାରିବେ । ଏହାକୁ ଇଲେକ୍‌ଟ୍ରୋନିକ୍ ବାଣିଜ୍ୟ (Electronic Commerce)ମଧ୍ୟ କୁହାଯାଏ । ବର୍ତ୍ତମାନ ଏଠାରେ ଉଧାର କାର୍ଡ଼ (Credit Card) ସାହାଯ୍ୟରେ କିଣିବିକା କରିପାରିବେ । ଏପରି ମଧ୍ୟ କିଛି ପ୍ରକ୍ରିୟା ଅଛି ଯାହା ସାହାଯ୍ୟରେ ଖାଉଟି ମାନେ ଏଠାରେ ଖାତା(Account) ଖୋଲି ବିକଳ୍ପ ମାଧ୍ୟମରେ ପାଉଣା ବାନ୍ଧିପାରିବେ ।

- ବେତାର ପରିଚାଳିତ ଟେଲିଫୋନ ମୋବାଇଲ୍ ଓ ଟେଲିଫୋନ୍‌ରେ ପାଉଣା ବାନ୍ଧିପାରିବେ
- ଦ୍ରବ୍ୟ ବଣ୍ଟନ ସମୟରେ ପାଉଣା ପ୍ରଦାନ (Cash on Delivery)

- ଚେକ୍ ଦ୍ୱାରା(Cheques)
- ଋଣୀ କାର୍ଡ୍ (Debit Card)
- ଡାକରେ ଟଙ୍କା ପଠାଇବା (Postal Money Order)

ଥରେ ଅର୍ଥପ୍ରଦାନ ହୋଇଗଲା ପରେ ଡାଉନ୍‌ଲୋଡ଼ିଙ୍ଗ, ବଣ୍ଟନ ଓ ଦୋକାନରୁ ଉଠେଇବା ସାହାଯ୍ୟରେ ଦ୍ରବ୍ୟ ଓ ସେବା ଯଥା ସ୍ଥାନରେ ପହଞ୍ଚାଇ ଦିଆଯାଏ ।

ଅନ୍‌ଲାଇନ୍ ଦୋକାନ ଦିନକୁ ୨୪ଘଣ୍ଟା ଖୋଲା ରହିଥାଏ । ଖାଉଟି ମାନେ ଘରେ ବା ଅଫିସ୍‌ରେ ଇଣ୍ଟରନେଟ୍ ସାହାଯ୍ୟରେ ଦ୍ରବ୍ୟ କିଣି ପାରିବେ । ସେମାନଙ୍କ କିଣାବିକା ପାଇଁ ଦୋକାନ ପାଖକୁ ଯିବା ଦରକାର ପଡ଼େ ନାହିଁ । ଏପରିକି କିଣାବିକା ମାତ୍ର ସ୍ୱଳ୍ପ ସମୟରେ ଅଧିକ ଦ୍ରବ୍ୟ ସାମଗ୍ରୀ କିଣାଯାଇପାରିବ ଓ ଏହା ସମ୍ଭବ ହୋଇପାରିଛି । କେବଳ ଯନ୍ତ୍ରପାତି ଶିକ୍ଷାରେ ବିଜ୍ଞାନରେ ବିକାଶ ଯୋଗୁଁ ବର୍ତ୍ତମାନ ଏହି ପ୍ରକାର ବଜାର ଉତ୍କର୍ଷତା ଲାଭ କରିପାରିଛି ।

## ତୁମେ କଣ ଜାଣିଲ

- ଅର୍ଥଶାସ୍ତ୍ରର ବଜାରର ଅର୍ଥ ଆମେ ବୁଝିବା, ଏକ ନିର୍ଦ୍ଦିଷ୍ଟ ସ୍ଥାନର ଅବସ୍ଥା ଯେଉଁଠାରେ କ୍ରେତା ଓ ବିକ୍ରେତା ପରସ୍ପର ମଧ୍ୟରେ ପରୋକ୍ଷ କିମ୍ବା ପ୍ରତ୍ୟେକ୍ଷ ଭାବେ କିଣା ବିକା କରିଥାନ୍ତି ।
- ବଜାର ଆକୃତି ଦୁଇଟି ଅତିଶୟ (Extreme) ପ୍ରକାର ବଜାର ହେଉଛି ଏକାଧିକାର ଓ ପୂର୍ଣ୍ଣପ୍ରତିଯୋଗିତା ବଜାର ।
- ଏକାଧିକାର କହିଲେ ସେହି ବଜାର ସ୍ଥିତିକୁ ବୁଝାଏ ଯେଉଁଠାରେ ଜଣେ ମାତ୍ର ଉତ୍ପାଦନ କାରୀ ବା ପ୍ରତିଷ୍ଠାନନ ଦ୍ରବ୍ୟ ବିକ୍ରି କରନ୍ତି । ଯାହାର ବଜାରରେ କୌଣସି ନିକଟ ସ୍ଥାନାପନ୍ନ ଦ୍ରବ୍ୟ ଉପଲବ୍ଧ ହୁଏ ନାହିଁ । ବିକ୍ରେତା ବଜାରକୁ ନିଜ ନିୟନ୍ତ୍ରଣରେ ରଖିଥାନ୍ତି ।
- ପୂର୍ଣ୍ଣପ୍ରତିଯୋଗିତା ବଜାରରେ ବହୁସଂଖ୍ୟକ ବିକ୍ରେତା ସେମାନଙ୍କର ସମଜାତୀୟ ଜିନିଷ ସବୁ ବହସଂଖ୍ୟକ କ୍ରେତା ମାନଙ୍କୁ ବିକ୍ରୟ କରିଥାନ୍ତି । ବିକ୍ରେତାମାନଙ୍କର ବଜାର ସମ୍ପର୍କରେ ସମ୍ପୂର୍ଣ୍ଣ ଜ୍ଞାନ ଥିଲାବେଳେ ପ୍ରବେଶ ଓ ପ୍ରସ୍ଥାନ ମଧ୍ୟ ଥାଏ ।
- ଏକ ପାଇକାରୀ ବିକ୍ରେତା ମୁଖ୍ୟତଃ ଖୁଚୁରା ବିକ୍ରେତା ଓ ସଂସ୍ଥାକୁ ତାଙ୍କ ଜିନିଷ ବିକ୍ରି କରିଥାନ୍ତି ନା ଖାଉଟିମାନଙ୍କୁ ବିକ୍ରି କରନ୍ତି ।
- ଖୁଚୁରା ବିକ୍ରେତାମାନେ ତାଙ୍କର ବିଭିନ୍ନ ଦ୍ରବ୍ୟ ଓ ସେବାକୁ ଲୋକମାନଙ୍କୁ ପ୍ରତ୍ୟକ୍ଷ ଭାବେ ବିକ୍ରି କରିଥାଆନ୍ତି ।
- ଅନ୍‌ଲାଇନ୍ କିଣାବିକା ଏକ ପ୍ରକ୍ରିୟା ଯେଉଁଥିରେ ଖାଉଟି ମାନେ ବିନା କିଛି ସମୟ ଦେଇ ବିକ୍ରେତା ମାନଙ୍କଠାରୁ ପ୍ରତ୍ୟକ୍ଷଭାବେ ଦ୍ରବ୍ୟ ଓ ସେବା କିଣିଥାଆନ୍ତି । ଏହା କମ୍ପ୍ୟୁଟର ସାହାଯ୍ୟରେ ହୁଏ ଓ ଏଥିପାଇଁ ଅନ୍ୟ ମାଧ୍ୟମ ଦରକାର ପଡ଼େ ନାହିଁ ।
- ଅନ୍‌ଲାଇନ୍ କିଣାବିକା ଏକ ପ୍ରକାର ଇଲେକ୍‌ଟ୍ରୋନିକ୍ ବାଣିଜ୍ୟ ।

## ଅନ୍ତିମ ପ୍ରଶ୍ନାବଳୀ

୧. ବଜାରର ସଂଜ୍ଞା ବ୍ୟାଖ୍ୟା କର ।

୨. ପୂର୍ଣ୍ଣ ପ୍ରତିଯୋଗିତାର ସଂଜ୍ଞା ବ୍ୟାଖ୍ୟାକର ।

୩. ଏକାଧିକାରର ସଂଜ୍ଞା ବ୍ୟାଖ୍ୟା କର ।

୪. ପାଇକାରୀ ବଜାର ଓ ଖୁଚୁରା ବଜାରରେ ଭିନ୍ନତା କ'ଣ ?

୫. ପୂର୍ଣ୍ଣ ପ୍ରତିଯୋଗିତା ବଜାରର ବୈଶିଷ୍ଟ୍ୟ ବ୍ୟାଖ୍ୟା କର ।

୬. ଏକାଧିକାର ବଜାରର ବୈଶିଷ୍ଟ୍ୟ ବ୍ୟାଖ୍ୟା କର ।

୭. ତୁମେ ବୁଝଯେ ଖୁଚୁରା ବ୍ୟବସାୟୀ ନିଜର ସ୍ଥିତି ଓ ଦ୍ରବ୍ୟର ବହୁଳତା ଅନୁଯାୟୀ ଦ୍ରବ୍ୟ ବିକ୍ରୟ କରିବାକୁ ପ୍ରସ୍ତୁତ କି ? ଯଦି ହଁ ତେବେ କାହିଁକି ?

## ପାଠଗତ ପ୍ରଶ୍ନାବଳୀର ଉତ୍ତର

**୧୨.୧**

୧. ପରସ୍ପର ସହିତ ଆଦାନ ପ୍ରଦାନ
୨. ବଜାର ସ୍ଥାନ
୩. କିଣା:ବିକା
୪. ବସ୍ତୁ ବା ଦ୍ରବ୍ୟ

**୧୨.୨**

୧. ଏକାଧିକାର ଏକ ବଜାର ପ୍ରକୃତି ଯେଉଁଥିରେ ଜଣେମାତ୍ର ଉତ୍ପାଦନକାରୀ ତାର ସମସ୍ତ ଉତ୍ପାଦ ବିକ୍ରି କରନ୍ତି । ଏହି ଦ୍ରବ୍ୟର ନିକଟ ସ୍ଥାନାପନ୍ନ ଦ୍ରବ୍ୟ ବଜାରରେ ଉପଲବ୍ଧ ହୁଏ ନାହିଁ ।
୨. ପରମାଣୁ ଶକ୍ତି, ଭାରତୀୟ ରେଳ ଚଳାଚଳ, ଡାକ ଓ ତାର ସେବା ।
୩. କାରଣ ଏକାଧିକାରି ଏକ ମାତ୍ର ବିକ୍ରେତା ଓ ଉତ୍ପାଦନକାରୀ ।
୪. ଦର ନିର୍ମାତା ।
୫. ଅବାଧ ପ୍ରବେଶ ଅର୍ଥ ବିକ୍ରେତା ମାନେ ସ୍ୱଚ୍ଛନ୍ଦରେ ଏହି ଦ୍ରବ୍ୟର ବଜାରକୁ ପ୍ରବେଶ କରିପାରନ୍ତି । ଏଠାରେ ନୂତନ ପ୍ରତିଷ୍ଠାନମାନଙ୍କ ପ୍ରବେଶ ଉପରେ କୌଣସି କଟକଣା ନଥାଏ ।
୬. କ) ନାହିଁ ଖ) ନାହିଁ ଗ) ନାହିଁ
ଘ) ହଁ ଙ) ହଁ

**୧୨.୩**

୧. ଆସବାବପତ୍ର ଦୋକାନ, କେନ୍ଦ୍ରଭଣ୍ଡାର, ଦୁଗ୍ଧମଖନାଦି ଦୋକାନ, ଔଷଧ ଦୋକାନ
୨. ଏକ ପାଇକାରୀ ବିକ୍ରେତା ଏକ ବଣ୍ଟନକାରୀ ବା ମଧ୍ୟସ୍ଥି ଯିଏ ମୁଖ୍ୟତଃ ଖୁଚୁରା ବ୍ୟବସାୟୀ ଓ ସଂସ୍ଥାକୁ ବିକ୍ରି କରନ୍ତି ।
୩. ଖୁଚୁରା ବିକେତା ସେହି ବ୍ୟକ୍ତି ଯିଏ ମୁଖ୍ୟତଃ ଭୌତିକ ବସ୍ତୁ ଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ସ୍ଥାନରୁ କିମ୍ବା ବିଭାଗ ଗୋଦାମରୁ ଛୋଟ ଧରଣର ଖାଉଟିମାନଙ୍କୁ ସିଧାସଳଖ ଉପଭୋଗ ପାଇଁ ବିକ୍ରି କରିଥାଆନ୍ତି ।
୪. ଖୁଚୁରା ବଜାର ଅର୍ଥ ସେହି ବଜାର ଯେଉଁଥିରେ ବସ୍ତୁ ଛୋଟ ଧରଣର ଖାଉଟି ମାନଙ୍କୁ ବିକ୍ରି କରାଯାଏ ।

୧୩

# ଦର ଓ ପରିମାଣ ନିର୍ଦ୍ଧାରଣରେ ସରକାରଙ୍କ ଭୂମିକା

ଆମେ ପୂର୍ବ ଅଧ୍ୟାୟରେ ପାଠ କରିଥିଲୁ ଯେ, ଏକ ବସ୍ତୁର ସନ୍ତୁଳନ ଦର ତାର ଉଭୟ ଚାହିଦା ଓ ଯୋଗାଣ ଶକ୍ତି ଦ୍ୱାରା ନିର୍ଦ୍ଧାରଣ କରାଯାଇଥାଏ ବିନା ସରକାରଙ୍କ ହସ୍ତକ୍ଷେପରେ । କିନ୍ତୁ ଏହି ନିର୍ଦ୍ଧାରିତ ଦର କେତେବେଳେ ଏତେ ଉଚ୍ଚ ହୋଇଥିବ ଯେ ଖାଉଟି ମାନଙ୍କର କିଣିବା ପାଇଁ ସମ୍ବଳ ହେବନାହିଁ । ଆଉ କେତେବେଳେ ଏତେ ନିଚ୍ଚ ହୋଇପାରେ ଯେତେବେଳେ କି ଉତ୍ପାଦନ କାରୀଙ୍କର ନିର୍ଦ୍ଧିଷ୍ଟ ବସ୍ତୁର ଉତ୍ପାଦନର ପରିବ୍ୟୟ କୁ ମଧ୍ୟ ଭାରଣା(Cover) କରିପାରେ ନାହିଁ । ଏହି କ୍ଷେତ୍ରରେ ସରକାରଙ୍କର ହସ୍ତକ୍ଷେପ ଅନିବାର୍ଯ୍ୟ ହୋଇପଡ଼େ । ସରକାର ଖାଉଟି ଓ ଉତ୍ପାଦନକାରୀଙ୍କର ହିତ ପାଇଁ ସନ୍ତୁଳନ ଦରରୁ ଉଚ୍ଚ ବା ନିଚ୍ଚ ଦର ସ୍ଥିର କରନ୍ତି ଉଭୟ ଉପଭୋକ୍ତା ଓ ଉତ୍ପାଦନକାରୀଙ୍କର ସ୍ୱାର୍ଥ ଦୃଷ୍ଟିରୁ ।

## ଆଭିମୁଖ୍ୟ

ଏହି ଅଧ୍ୟାୟ ପାଠ କରିସାରିବା ପରେ ତୁମେ ବୁଝି ପାରିବ:

- ଦ୍ରବ୍ୟ ଓ ସେବାର ଉତ୍ପାଦନ ଓ ବଣ୍ଟନ ରେ ସରକାରଙ୍କର ଭୂମିକା ।
- ସରକାର କିପରି ଦର ନିୟନ୍ତ୍ରଣ କରନ୍ତି ।
- ସର୍ବନିମ୍ନ ସହାୟକ ଦର କ'ଣ ?
- ସରକାରର କ'ଣ ପାଇଁ ଓ କାହିଁକି ଖାଉଟି ଓ ଉତ୍ପାଦନକାରୀଙ୍କୁ ସାହାଯ୍ୟ କରନ୍ତି ।

## ୧୩.୧ ଦ୍ରବ୍ୟ ଓ ସେବାର ଉତ୍ପାଦନ ଓ ବଣ୍ଟନ ପ୍ରକ୍ରିୟାରେ ସରକାରଙ୍କର ଭୂମିକା

ଆମେ ଯାହା ଜାଣିଲେ ଏକ ବସ୍ତୁ ସନ୍ତୁଳନ ଦର ତାର ଚାହିଦା ଓ ଯୋଗାଣ ଶକ୍ତିର ମୁକ୍ତଖେଳରୁ ହିଁ ନିର୍ଦ୍ଧାରିତ ହୋଇଥାଏ । ଏହା ଭିତରେ ସରକାରଙ୍କର ହସ୍ତକ୍ଷେପ ହୋଇନଥାଏ । କିନ୍ତୁ ବେଳେବେଳେ ବଜାରରେ ଅଭାବ ଥିଲାବେଳେ ମଧ୍ୟ ନିର୍ଦ୍ଧାରିତ ଦର ଅତି ଉଚ୍ଚ ହୋଇଥାଏ । ସେହିଭଳି ପରିସ୍ଥିତିରେ ଖାଉଟି ଉକ୍ତ ଦ୍ରବ୍ୟଟି ତାର ଉଚ୍ଚଦର ହେତୁ କିଣିବା ପାଇଁ ସକ୍ଷମ ହୁଏ ନାହିଁ । ସେଥିପାଇଁ ଖାଉଟିମାନଙ୍କ ହିତକୁ ରଖି ସରକାର ଉକ୍ତ ଦ୍ରବ୍ୟର ଦର ସ୍ଥିର କରିଥାନ୍ତି ଯାହାକି ସନ୍ତୁଳନ ଦରଠାରୁ କମ୍ ଥାଏ । ଏହିଭଳି ଯେତେବେଳେ

## ଦର ଓ ପରିମାଣ ନିର୍ଦ୍ଧାରଣରେ ସରକାରଙ୍କ ଭୂମିକା



ଖାଦ୍ୟଶସ୍ୟର ଉତ୍ପାଦନ ଢେର ଅଧିକଥାଏ । ତାହାର ଦର ବଜାରରେ କମିଯାଇଥାଏ । ସେଥିପାଇଁ ଚାଷୀମାନେ ଖୁବ୍ କ୍ଷତିଗ୍ରସ୍ତ ହୁଅନ୍ତି । ଏହିଭଳି କ୍ଷେତ୍ରରେ ଅଧିକ ଉତ୍ପାଦନ ପାଇଁ ଚାଷୀଙ୍କୁ ପ୍ରେରଣା ଦେବା ଉଦ୍ଦେଶ୍ୟରେ ସରକାର ସାଧାରତଃ ଏଗୁଡ଼ିକ ପାଇଁ ଉଚ୍ଚ ଦର ଧାର୍ଯ୍ୟ କରିଥାନ୍ତି । ଏଥିଯୋଗୁଁ ବେଳେବେଳେ ସରକାର ଚାହିଦା ଓ ଯୋଗାଣ ଶକ୍ତିଯୋଗୁଁ ଦର ନିର୍ଦ୍ଧାରିତ ହେବା ପାଇଁ ନଦେଇ ନିଜେ ହିଁ ଖାଉଟି ଓ ଉତ୍ପାଦନକାରୀଙ୍କର ସ୍ୱାର୍ଥ ପାଇଁ ଦର ନିର୍ଦ୍ଧାରଣ କରନ୍ତି । ଏହି ଦରକୁ "ସରକାର ନିର୍ଦ୍ଧାରିତ ଦର"( Administred Price) ବୋଲି କୁହାଯାଇଥାଏ । ସରକାର ନିର୍ଦ୍ଧାରିତ ଦର ନିମ୍ନଲିଖିତ ପ୍ରକାରର ହୋଇପାରିବ:

୧) ନିୟନ୍ତ୍ରଣ ଦର(Control Price)

୨) ସହାୟକ ଦର(Support Price)

୩) ସାଙ୍କେତିକ ଦର(Token Price)

୪) ଦ୍ୱୈତ ଦର(Dual Price)

## ୧୩.୨ ନିୟନ୍ତ୍ରଣ ଦର (Control Price)

ସାକରାର ଖାଉଟିମାନଙ୍କର ସ୍ୱାର୍ଥ ରକ୍ଷା ନିମନ୍ତେ ଏକ ଦ୍ରବ୍ୟର ସର୍ବୋଚ୍ଚ ଦର ସ୍ଥିର କରିଥାନ୍ତି । ଏହି ସର୍ବୋଚ୍ଚ ଦର ପ୍ରାୟତଃ ସନ୍ତୁଳନ ଦରଠାରୁ କମ୍ଥାଏ । ଏହି ଦରକୁ ନିୟନ୍ତ୍ରଣ ଦର ବା ସିଲିଙ୍ଗ ଦର ମଧ୍ୟ କୁହାଯାଏ । ଗରିବ ଲୋକମାନେ ସନ୍ତୁଳନ ଦରରେ ଜିନିଷପତ୍ର ନକିଣି ପାରିବା ହେତୁ ସରକାର ଏହି ନିୟନ୍ତ୍ରଣ ଦର ସ୍ଥିର କରିଥାଆନ୍ତି । ଯେତେବେଳେ କୌଣସି ଜିନିଷର ଉତ୍ପାଦନ ଏହାର ଚାହିଦାଠାରୁ କମ୍ ହୋଇଯାଏ, ଏହିଭଳି ଅବସ୍ଥା ଉପୁଯିଥାଏ । ଯେହେତୁ ସରକାର ସ୍ଥିର କରିଥିବା ଦର ସନ୍ତୁଳନ ଦରଠାରୁ କମ୍ ଥାଏ, ଏହା କୌଣସି ଜିନିଷର ଅତ୍ୟାଧିକ ଚାହିଦା ପରିସ୍ଥିତି ଉପୁଯାଇ ଥାଏ । ଯେଉଁଥିରେ କି କ୍ରେତାମାନଙ୍କର କିଣିବା ଚାହିଦା ବିକ୍ରେତାମାନଙ୍କର ବିକିବା ଚାହିଦାଠାରୁ ଅଧିକ ଥାଏ । ଆମ ଦେଶରେ ସରକାର ସେହିସବ ଜିନିଷପାଇଁ ନିୟନ୍ତ୍ରଣ ଦର ସ୍ଥିରକରିଥାନ୍ତି ଯେଉଁଗୁଡ଼ିକ କି ଜନସାଧାରଙ୍କ ପାଇଁ ଅତ୍ୟାବଶ୍ୟକ ଅଟେ । ଉଦାହରଣ ସ୍ୱରୂପ କେତେକ ଦ୍ରବ୍ୟ ଯଥା: ଚାଉଳ, ଗହମ, ଚିନି, କିରୋସିନ୍ ଇତ୍ୟାଦିର ନିୟନ୍ତ୍ରଣ ଦର ଅଛି । ନିୟନ୍ତ୍ରଣ ଦରରେ ଅତ୍ୟଧିକ ଚାହିଦା ହେତୁ ସରକାର ପଡ଼ିକରଣ ( Rationing)କରନ୍ତି । ପଡ଼ିକରଣର ଅର୍ଥ ମୁଣ୍ଡପିଛା ଏକକ ସମୟ ପାଇଁ ନିର୍ଦ୍ଦିଷ୍ଟ ଭାଗ(Quota) ସ୍ଥିର କରିବା । ନିୟନ୍ତ୍ରଣ ଦରରେ ଅତ୍ୟଧିକ ଚାହିଦା ହେତୁ କଳାବଜାର ଭଳି ସମସ୍ୟା ଉପୁଜିବାର ବହୁତ ସମ୍ଭାବନାଥାଏ । କଳବଜାର ଏକ ଏଭଳି ପରିସ୍ଥିତି ଯେଉଁଥିରେ ବିକ୍ରେତା ବେନିୟମ ଭାବେ କୌଣସି ଜିନିଷର ନିୟନ୍ତ୍ରଣ ଦର ଠାରୁ ଅଧିକା ଦର ଦାବି କରିଥାଆନ୍ତି । କଳାବଜାର ଭଳି ସମସ୍ୟା ଦ୍ୱୈତ ଦର ନୀତି ଦ୍ୱାରା ସମାଧାନ କରାଯାଇପାରେ, ଯାହା ବିଷୟରେ ଆମ୍ଭେମାନେ ଏହି ଅଧ୍ୟାୟର ଶେଷଭାଗରେ ଆଲୋଚନା କରିବା ।

### ପାଠଗତ ପ୍ରଶ୍ନାବଳୀ ୧୩.୧

୧. ସରକାରୀ କାହିଁକି କିଛି ଦ୍ରବ୍ୟର ଦର ଏହାର ସନ୍ତୁଳନ ଦରଠାରୁ କମ୍ରେ ସ୍ଥିର କରିଥାନ୍ତି ?

୨. କୌଣସି ଜିନିଷର ସ୍ଥିରିକୃତ ଦର ଏହାର ସନ୍ତୁଳନ ଦରଠାରୁ କମ୍ ହେଲେ ଉପୁଜୁଥିବା ସମସ୍ୟା ଗୁଡ଼ିକ ଦର୍ଶାଅ ?

୩. ପଡ଼ିକରଣର ଅର୍ଥ କ'ଣ ?

୪. କଳାବଜାରୀର ଅର୍ଥ କ'ଣ ?

୫. କେଉଁ ନୀତି ଅନୁସରଣ କରି ସରକାର କଳାବଜାରର ସମସ୍ୟା ଯାହାକି ନିୟନ୍ତ୍ରଣ ହେତୁ ହେଉଛି ତାହାକୁ ଦୂର କରିପାରିବେ ?

## ୧୩.୩ ସହାୟକ ଦର (Support Price)

ବେଳେବେଳେ ଉତ୍ପାଦକ ବିଶେଷକରି କୃଷକମାନଙ୍କର ସ୍ୱାର୍ଥରକ୍ଷା ନିମିତ୍ତ ସରକାର ଏକ ନିର୍ଦ୍ଦିଷ୍ଟ ଜିନିଷର ସର୍ବନିମ୍ନ ଦର ସ୍ଥିର କରିଥାନ୍ତି । ଏହି ଦର ପ୍ରାୟତଃ ସନ୍ତୁଳନ ଦର ଠାରୁ ଅଧିକ ଥାଏ । ବେଳେବେଳେ ଉତ୍ପାଦକମାନେ ସେମାନଙ୍କର ଉତ୍ପାଦନର ପରିବ୍ୟୟ ଭରଣା କରିପାରନ୍ତି ନାହିଁ । ଏହି ପରିସ୍ଥିତିରେ ସରକାର ଉତ୍ପାଦକମାନଙ୍କର ସ୍ୱାର୍ଥରକ୍ଷା ପାଇଁ ଯେଉଁ ଦର ନିର୍ଦ୍ଧାରଣ କରିଥାନ୍ତି ତାହାକୁ ସହାୟକ ଦର କୁହାଯାଏ । ଏହା କୌଣସି ଜିନିଷର ଅତ୍ୟଧିକ ଯୋଗଣ ଭଳି ପରିସ୍ଥିତି ଉପୁଯାଇ ପାରେ । ଏହି ପରିସ୍ଥିତିରେ ବିକ୍ରେତାମାନଙ୍କର ବିକ୍ରିକରିବା ଯୋଗାଣ, କ୍ରେତାମାନଙ୍କର କିଣିବା ଚାହିଦାଠାରୁ ଅଧିକ ଥାଏ । ଭାରତରେ ଧାନ, ଗହମ ଭଳି ଶସ୍ୟର କମ୍ ଦର ହେତୁ ଚାଷୀମାନେ କ୍ଷତିଗ୍ରସ୍ତ ହୁଅନ୍ତି । ଏହାଦ୍ୱାରା ସେମାନନେ ଶସ୍ୟ ଜାତୀୟ ଫସଲ ଚାଷ କରିବା ପାଇଁ ଅନାଗ୍ରହ ହୁଅନ୍ତି । ଏହାଫଳରେ ଶସ୍ୟ ଜାତୀୟ ଫସଲର ଯଥେଷ୍ଟ ଅଭାବ ଦେଖାଦେଇପାରେ । ସେଥିପାଇଁ କୃଷିଜାତୀୟ ଉତ୍ପାଦଗୁଡ଼ିକ କ୍ଷେତ୍ରରେ ସହାୟକ ଦରର ବ୍ୟବସ୍ଥା ଅନୁସୃତ ହୁଏ । ସହାୟକ ଦରର ବ୍ୟବସ୍ଥା ଚାଷୀମାନଙ୍କୁ ନିଶ୍ଚିନ୍ତ କରାଇଥାଏ ଯେ ସେମାନେ ଅତିକମ୍‌ରେ ଉକ୍ତ ଦରରେ ସେମାନଙ୍କର ଉତ୍ପାଦଗୁଡ଼ିକ ବିକ୍ରି କରିପାରିବେ ।

ସହାୟକ ଦରରେ ଜିନିଷର ଅତ୍ୟଧିକ ଯୋଗାଣ କ୍ଷେତ୍ରରେ ସରକାର ଚାଷୀମାନଙ୍କ ଠାରେ ସେମାନଙ୍କ ଉତ୍ପାଦ ଗୁଡ଼ିକ କିଣି ଥାଆନ୍ତି ।

### ପାଠଗତ ପ୍ରଶ୍ନାବଳୀ ୧୩.୨

୧. ସହାୟକ ଦର କ'ଣ ?

୨. ସରକାର କୌଣସି ଜିନିଷର ସନ୍ତୁଳନ ଦରଠାରୁ ଉଚ୍ଚହାରରେ କାହିଁକି ଦର ନିର୍ଦ୍ଧାରଣ କରିଥାଆନ୍ତି ?

୩. ମନେକର ଯେଉଁ କ୍ଷେତ୍ରରେ ଚାଷୀମାନେ ସରକାରୀ ନିର୍ଦ୍ଧାରୀତ ଦରରେ ଯାହାକି ସନ୍ତୁଳନ ଦରଠାରୁ ଅଧିକାଥାଏ । ସେମାନଙ୍କର ଉତ୍ପାଦିତ ଜିନିଷ ବିକ୍ରି କରି ପାରନ୍ତି ନାହିଁ । ଯେତେବେଳେ ସରକାର କେଉଁ ନୀତି ଅନୁସରଣ କରିଥାନ୍ତି ?

୪. ଦୁଇଟି ଦ୍ରବ୍ୟର ନାଁ କୁହ, ଯାହାର ସହାୟକ ମୂଲ୍ୟ ବ୍ୟବସ୍ଥା ଆମ ଦେଶରେ ପ୍ରଚଳିତ ଅଛି ?

## ୧୩.୪ ସାଙ୍କେତିକ ଦର (Token Price)

ବଞ୍ଚିରହିବାପାଇଁ କିଛି ଦ୍ରବ୍ୟ ବା ସେବାର ନିହାତି ଆବଶ୍ୟକ ରହିଛି । ଉଦାହରଣ ହେଲା ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାକୁ ନିଆଯାଇପାରେ । ଗରୀବ ଲୋକମାନେ ପ୍ରଚଳିତ ବଜାର ଦରରେ ଏହିସବୁ ସେବାର ଉପଯୋଗ

କରପାରନ୍ତି ନାହିଁ ଓ କିଛି ବେସରକାରୀ ଦାତବ୍ୟ ଅନୁଷ୍ଠାନ ଖୁବ୍‌କମ ଦରରେ ଏହି ସବୁ ସେବା ଉପଲବ୍ଧ କରାଇଥାଆନ୍ତି, ଯାହାକି ପ୍ରାୟତଃ ଉକ୍ତ ନିର୍ଦ୍ଦିଷ୍ଟ ସେବାଗୁଡ଼ିକର ଏକକ ଉତ୍ପାଦକ ପରିବ୍ୟୟଠାରୁ ମଧ୍ୟ କମ୍ ଥାଏ । ଏହି ଦରକୁ ଉକ୍ତ ନିର୍ଦ୍ଦିଷ୍ଟ ଦ୍ରବ୍ୟ ବା ସେବାର ନାମମାତ୍ର ଦର ବା ସାଙ୍କେତିକ ଦର( Token Price) କୁହାଯାଏ । ସରକାରୀ ବିଦ୍ୟାଳୟ ମାନଙ୍କରେ ନିର୍ଦ୍ଧାରିତ ଟିଉସନ ଫିସ୍ ( Tuition Fees) ସରକାର ନିର୍ଦ୍ଦିଷ୍ଟ ବିଦ୍ୟାର୍ଥୀ ପିଛା କରୁଥିବା ଖର୍ଚ୍ଚଠାରୁ ଯଥେଷ୍ଟ କମ୍‌ଥାଏ ।

କିଛି ନିର୍ଦ୍ଦିଷ୍ଟ ସେବାର ଖାମଖିଆଲି ବ୍ୟବହାରକୁ ରୋକିବା ପାଇଁ ଏହି ନାମମାତ୍ର ଦର ନିର୍ଦ୍ଧାରଣ କରାଯାଇଥାଏ । ସ୍ଥଳବିଶେଷରେ ଏହି ସବୁ ସେବାଗୁଡ଼ିକ ମାଗଣାରେ ଉପଲବ୍ଧ ହୁଏ । ତା' ହେଲେ କିଛି ଲୋକ ମାଗଣାରେ ଖାଇବା ଓ ରହିବା ପାଇଁ ଡାକ୍ତରଖାନା ଗୁଡ଼ିକରେ ବହୁତ ଦିନ ପର୍ଯ୍ୟନ୍ତ ପଡ଼ିରହିବେ ।

## ୧୩.୫ ଦ୍ୱୈତ ଦର (Dual Price)

ଏହି ଅଧ୍ୟାୟରେ ପୂର୍ବରୁ ଆମେ ପଢ଼ିଥିଲେ ଯେ, ଦର ନିୟନ୍ତ୍ରଣ ଯୋଗୁଁ ଜିନିଷର ଅଭାବ ପରିଲକ୍ଷିତ ହୁଏ । କାରଣ ବିକ୍ରେତାମାନେ ସରକାରୀ ନିର୍ଦ୍ଧାରିତ ଦରରେ ଯାହାକି ସନ୍ତୁଳିତ ଦରଠାରୁ କମ୍‌ଥାଏ ଯଥେଷ୍ଟ ପରିମାଣର ସାମଗ୍ରୀ ଯୋଗାଣ କରିବାକୁ ଅନିଚ୍ଛୁକ ହୁଅନ୍ତି । ଏହା ଉକ୍ତ ନିର୍ଦ୍ଦିଷ୍ଟ ଜିନିଷର କଳାବଜାରୀ ଭଳି ପରିସ୍ଥିତି ଉପୁଜାଇଥାଏ । ଏହାକୁ ରୋକିବା ପାଇଁ ସରକାର ଦ୍ୱୈତ ଦର ନୀତି ଆପଣେଇ ଥାଆନ୍ତି । ଏହି ନୀତି ଅନୁସାରେ ଉତ୍ପାଦିତ ଦ୍ରବ୍ୟର କିଛି ଅଂଶ ନିୟନ୍ତ୍ରିଣ ଦରରେ ସୁଲଭ ଦୋକାନ ( Fair Price Shop (FPSI))ମାନଙ୍କରେ ବିକ୍ରିହେବା ସ୍ଥଳେ ବାକି ଅଂଶ ଯୋଗାଣ ଓ ଚାହିଦା ଦ୍ୱାରା ନିର୍ଦ୍ଧାରିତ ପ୍ରଚଳିତ ବଜାର ଦରରେ ବିକ୍ରି ହୋଇଥାଏ ।  ଏହି ପ୍ରଚଳିତ ବଜାର ଦରରେ ଏକ ନିର୍ଦ୍ଦିଷ୍ଟ ଜିନିଷର ଯେକୌଣସି ପରିମାଣ ପର୍ଯ୍ୟନ୍ତ କିଣାଯାଇ ପାରେ । ଉଦାହରଣ ସ୍ୱରୂପ ସରକାର ନିୟନ୍ତ୍ରଣ ଦରରେ ସୁଲଭ ଦୋକାନ ଗୁଡ଼ିକ ମାଧ୍ୟମରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କୁ ଗହମ, ଚାଉଳ, ଚିନି ଆଦି ବିକ୍ରୟ କରିଥାନ୍ତି । ଉତ୍ପାଦକ ମାନେ ମଧ୍ୟ ସେମାନଙ୍କର ବଳକା ଉତ୍ପାଦ ସନ୍ତୁଳନ ଦରରେ ଖୋଲାବଜାରରେ ବିକ୍ରି କରିଥାନ୍ତି ।

### ପାଠଗତ ପ୍ରଶ୍ନାବଳୀ ୧୩.୩

୧. ନାମମାତ୍ର ଦର କ'ଣ ?

୨. ଦ୍ୱୈତ ଦର କହିଲେ କ'ଣ ବୁଝ ?

୩. ସରକାର କାହିଁକି କିଛି ଜିନିଷକୁ ମାଗଣାରେ ଯୋଗାଣ କରନ୍ତି ନାହିଁ ? ସେସବୁ ଜିନିଷ ପାଇଁ ନାମମାତ୍ର ଦର (Token Price) ସ୍ଥିର କରିବାର  କାରଣ କ'ଣ ?

୪. ସଠିକ୍ ଉତ୍ତର ପାଖରେ (✓) ଚିହ୍ନ ଦିଅ ।

କ) ସରକାରୀ ସ୍ଥିରୀକୃତ ନାମମାତ୍ର ଦର ଏକକ ଉତ୍ପାଦନ ପରିବ୍ୟୟ ଠାରୁ ଅଧିକ ଥାଏ ।

ଖ) ନାମମାତ୍ର ଦର ଏକକ ଉତ୍ପାଦନ ପରିବ୍ୟୟ ଠାରୁ ଯଥେଷ୍ଟ କମ୍ ଥାଏ ।

ଗ) ନାମମାତ୍ର ଦର ଧନୀ ଲୋକଙ୍କ ପାଇଁ ସ୍ଥିରୀକୃତ ହୋଇଥାଏ ।

ଘ) ନାମମାତ୍ର ଦର ଏକକ ଉତ୍ପାଦନ ପରିବ୍ୟୟ ସହ ସମାନ ଥାଏ ।

## ୧୩.୬ ବଜାର ଦର ଉପରେ କର ଏବଂ ରିହାତିର ପ୍ରଭାବ

ବିଭିନ୍ନ ଜିନିଷର ଉତ୍ପାଦନ ଓ କଞ୍ଚାମାଲ ବିକ୍ରି ଏବଂ ଆମଦାନୀ ଉପରେ ସରକାର ଅବକାରୀ ଶୁଳ୍କ, ବିକ୍ରିକର, ଆମଦାନୀ ଶୁଳ୍କ ଆଦି ବିଭିନ୍ନ ପ୍ରକାରର କର ବସାଇଥାନ୍ତି । ଏହି ସବୁ କର ଉତ୍ପାଦକମାନେ ବିକ୍ରେତା ମାନେ ଏବଂ ଆମଦାନୀକାରୀ ମାନେ ସରକାରଙ୍କୁ ଦେଇଥାନ୍ତି ପ୍ରତିବଦଳରେ ଉତ୍ପାଦକମାନେ, ବିକ୍ରେତା ମାନେ ଏବଂ ଆମଦାନୀ କାରୀ ମାନେ ଉକ୍ତ କର ଭାରକୁ ଖାଉଟିମାନଙ୍କ ଉପରକୁ ସ୍ଥାନାନ୍ତର କରିଥାନ୍ତି ଫଳରେ ଏହି ସବୁ କର ଯୋଗୁଁ ଖୋଲା ବଜାରରେ ଜିନିଷପତ୍ର ଗୁଡ଼ିକର ଦରବୃଦ୍ଧି ଘଟିଥାଏ । ଯେତେବେଳେ ସରକାର କୌଣସି ଜିନିଷ ଉପରେ କରର ହ୍ରାସ କରିଥାନ୍ତି ଉକ୍ତ ଜିନିଷର ବଜାର ଦର ସେହି ଅନୁପାତରେ ବୃଦ୍ଧି ପାଇଥାଏ ।

ଅପର ପକ୍ଷରେ ସରକାର ସର୍ବସାଧାରଙ୍କ ପାଖରେ କିଛି ନିର୍ଦ୍ଦିଷ୍ଟ ଦ୍ରବ୍ୟକୁ ସୁଲଭ ମୂଲ୍ୟରେ ପହଞ୍ଚାଇବା ପାଇଁ ଦ୍ରବ୍ୟଗୁଡ଼ିକରେ ଉତ୍ପାଦକ ମାନଙ୍କୁ ରିହାତି ଦେଇଥାଆନ୍ତି । ଏହି କ୍ଷେତ୍ରରେ ରିହାତିର ଦର ବୃଦ୍ଧି ପାଇଲେ କୌଣସି ଜିନିଷର ବଜାର ଦର ହ୍ରାସ ପାଇଥାଏ । ଉଦାହରଣ ସ୍ୱରୁପ ସରକାର କିରୋସିନ୍, ରନ୍ଧନ ଗ୍ୟାସ ଆଦି ଉପରେ ରିହାତି ଦରରେ ଦେଇଥାନ୍ତି ।

## ୧୩.୭ ସାଧାରଣ ବଣ୍ଟନ ବ୍ୟବସ୍ଥା (Public Distribution System (PDS))

ଗରିବ ଲୋକମାନେ କିଛି ଅତ୍ୟାବଶ୍ୟକ ଜିନିଷକୁ ସେଗୁଡ଼ିକ ବଜାର ଦରରେ କିଣିପାରନ୍ତି ନାହିଁ । ଏହି ସବୁ ଲେକଙ୍କର ସୁବିଧା ପାଇଁ ସାଧାରଣ ବଣ୍ଟନ ବ୍ୟବସ୍ଥା ଆମ ଦେଶରେ ପ୍ରଚଳିତ ଅଛି । ଏହି ବ୍ୟବସ୍ଥା ମାଧ୍ୟମରେ କେତେକ ଅତ୍ୟାବଶ୍ୟକ ସାମଗ୍ରୀ ଯଥା: ଗହମ, ଚାଉଳ, କିରୋସିନ୍ ଇତ୍ୟାଦି ଗରିବ ଲୋକଙ୍କ ପାଖରେ ସୁଲଭ ଦୋକାନ ମାନଙ୍କ ଦ୍ୱାରା ଶସ୍ତାରେ ପହଞ୍ଚାଯାଇ ପାରୁଛି ।

ଭାରତରେ ପ୍ରଚଳିତ ସାଧାରଣ ବଣ୍ଟନ ବ୍ୟବସ୍ଥାର ପ୍ରଧାନ ଉପାଦାନ ଗୁଡ଼ିକ ନିମ୍ନରେ ପ୍ରଦତ୍ତ କରାଗଲା ।

୧. **ରିହାତି:** ସାଧାରଣ ବଣ୍ଟନ ବ୍ୟବସ୍ଥାରେ ବିକ୍ରି କରାଯାଉଥିବା ସାମଗ୍ରୀ ଗୁଡ଼ିକ ଉପରେ ସରକାର ରିହାତି ଦେଇଥାଆନ୍ତି । ତେଣୁ ଉକ୍ତ ସାମଗ୍ରୀ ଗୁଡ଼ିକର ଦର ଏହି ବ୍ୟବସ୍ଥାରେ ଅପେକ୍ଷାକୃତ ଭାବେ କମ୍ ଥାଏ ।

୨. **ସ୍ଥିରୀକୃତ ପରିମାଣ (ପଡ଼ିକରଣ):** ଏହି ବ୍ୟବସ୍ଥାରେ ବ୍ୟକ୍ତିର ସର୍ବନିମ୍ନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାର ଏକକ ସମୟ ପାଇଁ ମୁଣ୍ଡପିଛା ପରିମାଣ ସ୍ଥିର କରିଥାଆନ୍ତି । ପ୍ରତ୍ୟେକ ପରିବାର, ଉକ୍ତ ପରିବାରର ସଦସ୍ୟ ସଂଖ୍ୟା ଲେଖାଥିବା ଏକ ପଡ଼ିକାର୍ଡ ପାଇଥାଆନ୍ତି । ପରିବାରର ସଦସ୍ୟ ସଂଖ୍ୟା ଅନୁସାରେ ପ୍ରତ୍ୟେକ ପରିବାର ନିର୍ଦ୍ଦିଷ୍ଟ ପରିମାଣର ଜିନିଷ ସୁଲଭ ଦୋକାନମାନଙ୍କରୁ କ୍ରୟ କରିଥାଆନ୍ତି ।

୩. **ସୁଲଭ ଦୋକାନ ବ୍ୟବସ୍ଥା:** ସରକାର ସୁଲଭ ଦୋକାନ ବା ରାସନ ଦୋକାନ ଗୁଡ଼ିକ ମାଧ୍ୟମରେ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି କରିଥାଆନ୍ତି । ଏଭଳି ଦୋକାନ ଦେଶର ପ୍ରତ୍ୟେକ ଅଞ୍ଚଳରେ ଖୋଲାଯାଇଅଛି । ସରକାର ଉକ୍ତ ଦୋକାନ ଗୁଡ଼ିକରେ ପଞ୍ଜିକୃତ ପଡ଼ିକାର୍ଡ଼ ସଂଖ୍ୟା ଅନୁଯାୟୀ ସାମଗ୍ରୀ ଯୋଗାଣ କରିଥାଆନ୍ତି । ଉକ୍ତ ଦୋକାନଗୁଡ଼ିକରେ ଅଧିକୃତ ବିକ୍ରେତାମାନେ ମୋଟ ବିକ୍ରୟ ଉପରେ ସରକାରଙ୍କଠାରୁ ପ୍ରତିବଦଳରେ କମିଶନ୍ ପାଇଥାଆନ୍ତି ।

### ପାଠଗତ ପ୍ରଶ୍ନାବଳୀ ୧୩.୪

୧. ସାଧାରଣ ବଣ୍ଟନ ବ୍ୟବସ୍ଥାର ବିଭିନ୍ନ ଦିଗଗୁଡ଼ିକ ଦର୍ଶାଅ ।

୨. ବର୍ଦ୍ଧିତ କର, ଜିନିଷର ଦର ଉପରେ କି ପ୍ରଭାବ ପକାଇଥାଏ ?

୩. ବର୍ଦ୍ଧିତ ରିହାତି, ଜିନିଷର ଦର ଉପରେ କି ପ୍ରଭାବ ପକାଇଥାଏ ?

୪. ପଡ଼ିକରଣ(Rationing) କହିଲେ କ'ଣ ବୁଝ ?

୫. କେଉଁ ଆଧାରରେ ସୁଲଭ ଦୋକାନଗୁଡ଼ିକ କୌଣସି ସମାଗ୍ରୀର ନିର୍ଦ୍ଦିଷ୍ଟ ସ୍ଥିରୀକୃତ ପାରିମାଣ ନିର୍ଦ୍ଧାରଣ କରିଥାଆନ୍ତି ?

୬. ନିମ୍ନୋକ୍ତ ଶବ୍ଦର ପୂର୍ଣ୍ଣାଙ୍କଗ ରୂପ (Full Form)ଲେଖ ।

କ) ବିପିଏଲ୍(BPL)

ଖ) ଏଫ୍‌ପିଏସ୍(FPS)

ଗ) ପିଡିଏସ୍(PDS)

## ତୁମେ କ'ଣ ଶିଖିଲ

- ଖାଉଟି ଏବଂ ଉତ୍ପାଦକ ମାନଙ୍କ ସ୍ୱାର୍ଥରକ୍ଷା ପାଇଁ ସରକାର ବିଭିନ୍ନ ସାମଗ୍ରୀର ଦର ନିର୍ଦ୍ଧାରଣ କରିଥାଆନ୍ତି ଯାହାକି ଉକ୍ତ ସାମଗ୍ରୀ ଗୁଡ଼ିକର ସନ୍ତୁଳନ ଦର ଠାରୁ କମ୍ ବା ବେଶି ହୋଇଥାଏ । ଏହି ଦରକୁ ସରକାରଙ୍କ ନିର୍ଦ୍ଧାରିତ ଦର କୁହାଯାଏ ।
- ଖାଉଟି ମାନଙ୍କର ସୁରକ୍ଷା ପାଇଁ ସନ୍ତୁଳନ ଦର ଠାରୁ କମ୍‌ରେ ସରକାର ନିୟନ୍ତ୍ରଣ ଦର ସ୍ଥିର କରିଥାଆନ୍ତି ।
- ଉତ୍ପାଦକ ବିଶେଷକରି କୃଷକମାନଙ୍କର ସ୍ୱାର୍ଥ ରକ୍ଷା ପାଇଁ ସନ୍ତୁଳନ ଦରଠାରୁ ଅଧିକରେ ସରକାର ସହାୟକ ଦର ସ୍ଥିର କରିଥାଆନ୍ତି ।
- ସରକାରୀ/ବେସରକାରୀ ଦାତବ୍ୟ ଅନୁଷ୍ଠାନରେ କିଛି ନିର୍ଦ୍ଦିଷ୍ଟ ସେବାଗୁଡ଼ିକର ଦର ତାହାର ଏକକ ଉତ୍ପାଦନ ପରିବ୍ୟୟ ଠାରୁ କମ୍‌ରେ ସ୍ଥିର କରାଯାଇ ଥାଏ ।
- ଦ୍ୱୈତ ଦର ବ୍ୟବସ୍ଥାରେ ଉତ୍ପାଦିତ ଦ୍ରବ୍ୟର କିଛି ଅଂଶ ନିୟନ୍ତ୍ରଣ ଦରରେ ସୁଲଭ ଦୋକାନ ମାନଙ୍କରେ ବିକ୍ରିହେବା ସ୍ଥଳେ ବାକି ଅଂଶ ଯୋଗାଣ ଓ ଚାହିଦା ଦ୍ୱାରା ନିର୍ଦ୍ଧାରିତ ପ୍ରଚଳିତ ବଜାର ଦରରେ ବିକ୍ରି ହୋଇଥାଏ ।
- ଯେତେବେଳେ କୌଣସି ଜିନିଷ ଉପରେ ସରକାର କରର ବୃଦ୍ଧି କରିଥାଆନ୍ତି ଉକ୍ତ ଜିନିଷର ବଜାର ଦର ସେହି ଅନୁପାତରେ ବୃଦ୍ଧି ପାଇଥାଏ ।
- ଏକ ଜିନିଷ ଉପରେ ରିହାତି ଦିଆ ହେଲେ ଉକ୍ତ ଜିନିଷର ବଜାର ଦର ହ୍ରାସ ପାଏ ।
- ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଜିନିଷ ଗୁଡ଼ିକ ପଡ଼ିକାର୍ଡ଼ ସାହାଯ୍ୟରେ ବିକ୍ରି ହୁଏ ।

## ଅନ୍ତିମ ପ୍ରଶ୍ନାବଳୀ

୧. ନିୟନ୍ତ୍ରଣ ଦର କ'ଣ ? ଏହା କି ଭାବରେ ଖାଉଟି ମାନଙ୍କୁ ପ୍ରଭାବିତ କରାଏ ?

୨. ସହାୟକ ଦର କ'ଣ ? ଏହା କି ଭାବରେ ଉତ୍ପାଦକ ମାନଙ୍କୁ ପ୍ରଭାବିତ କରାଏ ?

୩. ନାମମାତ୍ର ଦର କ'ଣ ? ନାମମାତ୍ର ଦର ସ୍ଥିର କରିବା ପଛରେ କି କି କାରଣ ଅଛି ?

୪. ଦ୍ୱୈତ ଦର ନୀତି ବ୍ୟବସ୍ଥାକୁ ବ୍ୟାଖ୍ୟା କର ? ଏହା କି ଭାବରେ ଗରିବଙ୍କୁ ସାହାଯ୍ୟ କରେ ?

୫. କର ଓ ରିହାତିର କିଭଳି ପ୍ରଭାବିତ କରେ ଏକ ଜିନିଷର ବଜାର ଦର ଉପରେ ?

୬. ସାଧାରଣ ବଣ୍ଟନ ବ୍ୟବସ୍ଥା କ'ଣ ? ଏହାର ପ୍ରଧାନ ଉପାଦାନ ଗୁଡ଼ିକୁ ସଂକ୍ଷେପରେ ଲେଖ ।

## ପାଠଗତ ପ୍ରଶ୍ନାବଳୀର ଉତ୍ତର

### ୧୩.୧

୧. ଖାଉଟି ମାନଙ୍କର ସ୍ୱାର୍ଥ ରକ୍ଷା କରିବା ନିମନ୍ତେ ।

୨. କ) ଏକ ଜିନିଷର ବଳକା ଚାହିଦା ବା ଅଭାବର ସମସ୍ୟା

ଖ) କଳାବଜାରର ସମସ୍ୟା

୩. ପଡ଼କରଣ ଅର୍ଥ ମୁଣ୍ଡପିଛା ଏକକ ସମୟ ପାଇଁ ନିର୍ଦ୍ଦିଷ୍ଟ ଭାଗ ସ୍ଥିର କରିବା ।

୪. କଳାବଜାର ଏଭଳି ଏକ ପରିସ୍ଥିତି ଯେଉଁଥିରେ ବିକ୍ରେତା ବେନିୟମ ଭାବେ କୌଣସି ଜିନିଷର ନିୟନ୍ତ୍ରଣ ଦର ଠାରୁ ଅଧିକ ଦର ଦାବି କରିଥାଆନ୍ତି ।

୫. ଦ୍ୱୈତ ଦର ନୀତି ।

### ୧୩.୨

୧. ଉତ୍ପାଦକ ବିଶେଷକରି କୃଷକମାନଙ୍କର ସୁରକ୍ଷା ନିମନ୍ତେ ସନ୍ତୁଳନ ଦରଠାରୁ ଅଧିକରେ ସହାୟକ ଦର ସ୍ଥିର କରାଯାଇଥାଏ ।

୨. ଉତ୍ପାଦକ ବିଶେଷକରି କୃଷକମାନଙ୍କର ସୁରକ୍ଷା ପାଇଁ ।

୩. ସରକାର ଯେକୌଣସି ଦ୍ରବ୍ୟ ସେହି ଦରରେ କିଣିବା ପାଇଁ ପ୍ରସ୍ତୁତ ତାହା ଦ୍ରବ୍ୟର ବଫର ଷ୍ଟକ (Buffer Stock)ଅଟେ ।

୪. କ) ଗହମ

ଖ) ଚାଉଳ

### ୧୩.୩

୧. ସାଙ୍କେତିକ ଦର ବା ନାମମାତ୍ର ଦର ସେହି ଦର ଯାହାକୁ ସରକାର ସ୍ଥିର କରିଥାନ୍ତି । ଏହି ଦର କେତେକ ଘରୋଇ ଦାତବ୍ୟ ସଂସ୍ଥା ପ୍ରତି ଏକକ ଉତ୍ପାଦିତ ମୂଲ୍ୟଠାରୁ କମ୍ ରେ ଯୋଗାଇ ଥାନ୍ତି ।

୨. ଦ୍ୱୈତ ଦର ହେଉଛି ଏକ ନୀତି ଯେଉଁଥିରେ ଉତ୍ପାଦିତ ଦ୍ରବ୍ୟର ଏକ ଅଂଶ ସ୍ଥିରିକୃତ ଦରରେ ସୁଲଭ ଦୋକାନରେ ବିକ୍ରିୟ କରାଯାଇଥାଏ ଓ ଅନ୍ୟ ଅଂଶ ଗୁଡ଼ିକ ପ୍ରଚଳିତ ଦର ଯାହା ଚାହିଦା ଓ ଯୋଗାଣ ଦ୍ୱାରା ସ୍ଥିର ହୋଇଥାଏ ।

୩. କେତେକ ଦ୍ରବ୍ୟ ଗୁଡ଼ିକ ସରକାର ମାଗଣାରେ ଯୋଗାଇ ପାରନ୍ତି ନାହିଁ କାରଣ ଏହିଗୁଡ଼ିକ ଅବ୍ୟବହାରିକ ବା ଅପବ୍ୟୟ ହୋଇଥାଏ ।

୪. (ଖ)

**୧୩.୪**

୧. କ) ରିହାତି

ଖ) ସ୍ଥିରିକୃତ ପରିମାଣ କିମ୍ବା ପଡ଼ି ବ୍ୟବସ୍ଥା

ଗ) ସୁଲଭ ଦର ଦୋକାନ

୨. ଦ୍ରବ୍ୟର ଦର ବୃଦ୍ଧିପାଏ ।

୩. ଦ୍ରବ୍ୟର ଦର ହ୍ରାସ ପାଏ ।

୪. ପଡ଼ି ବ୍ୟବସ୍ଥାର ଅର୍ଥ ଏକ ନିର୍ଦ୍ଧିଷ୍ଟ ସମୟରେ ପ୍ରତି ବ୍ୟକ୍ତି ପିଛା ସ୍ଥିରିକୃତ ପରିମାଣ ।

୫. ପଡ଼ିକାର୍ଡ଼ ମାଧ୍ୟମରେ ଦୋକାନରେ ପଞ୍ଜିକୃତ

୬. କ) ଦାରିଦ୍ର୍ୟ ସୀମା ରେଖା ତଳେ (Below Poverty Line(BPL))

ଖ) ସୁଲଭ ଦର ଦୋକାନ(Fair Price Shop(FPS))

ଗ) ସାଧାରଣ ବଣ୍ଟନ ବ୍ୟବସ୍ଥା(Public Distribution System(PDS))